ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.22 . No.208, Bhubaneswar Friday, September 27, 2019 ୨୨ତମ ବର୍ଷ ସଂଖ୍ୟା–୨୦୮ ଭୁବନେଶ୍ୱର ଶୁକ୍ରବାର, ସେପ୍ଟେମ୍ବର ୨୭, ୨୦୧୯ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

ଖାଦ୍ୟ ଓ ସଂଗ୍ରହଣ ନୀତି କୁ କ୍ୟାବିନେଟ୍ ମଂଜୁରୀ

- ଚଳିତ ଖରିଫ୍ ଋତୁରେ ୬୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ଲକ୍ଷ୍ୟ
- ୨୪ରୁ ୪୮ ଘଂଟା ମଧ୍ୟରେ ଚାଷୀ ପାଇବେ ଧାନ ବିକ୍ରି ଟଙ୍କା
- ଧାନ ସଂଗ୍ରହରେ ସାମିଲ ହେବେ ସ୍ୱଂୟ ସହାୟକ ଗୋଷ୍ଠୀ

ଭୁବନେଶ୍ୱର,୨୬।୯(ପି.ଏନ): ରାଜ୍ୟରେ ଧାନ ଓ ଚାଉଳ ସଂଗ୍ରହ ପକ୍ରିୟାର ସୁପରିଚାଳନା ପାଇଁ ଖାଦ୍ୟ ଓ ସଂଗ୍ରହଣ ନୀତି ୨୦୧୯-୨୦କୁ ରାଜ୍ୟ କ୍ୟାବିନେଟ୍ ମଂଜୁରୀ ପ୍ରଦାନ କରିଛି। ଗୁରୁବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ଠାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସମ୍ପର୍କରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅସୀତ୍ ତ୍ରିପାଠୀ ସୂଚନା ଦେଇଥିଲେ । ଅନୁମୋଦିତ ଖାଦ୍ୟ ଓ ସଂଗ୍ରହଣ ନୀତି ଅନୁଯାୟୀ ଚଳିତ ଖରିଫ ଋତୁରେ ୬୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯିବ ଯାହାକି ୪୧ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଆକାରରେ ସଂଗ୍ରହ ହେବ। ଖରିଫ ଓ ରବି ଋତୁରେ ଧାନ ସଂଗ୍ରହର ଧାର୍ଯ୍ୟ ଲକ୍ଷ୍ୟ ଯଥାକ୍ରମେ ୫୦ ଲକ୍ଷ ଓ ୧୦ ଲକ୍ଷ ମେଟ୍ରିକ୍ ଟନ୍ ରହିବ । ଏହାଠାରୁ ଅଧିକ ଧାନ ଯଦି ପଂଜୀକୃତ ଚାଷୀଙ୍କ ଠାରୁ ମଣ୍ଡିକୁ ଆସିବ ତାହାକୁ ସରକାର କ୍ରୟ କରିବେ। ଆବଶ୍ୟକ ହେଲେ ବିଭାଗୀୟ ମନ୍ତ୍ରୀ ଏହି ଧାର୍ଯ୍ୟ ଲକ୍ଷ୍ୟ ବୃଦ୍ଧି କରିପାରିବେ। ଏକ ପ୍ରଶ୍ନର ଉତର ଦେଇ ମୁଖ୍ୟ ଶାସନ ସଚିବ କହିଥିଲେ ଯେ ୨୦୧୮-୧୯ ବର୍ଷରେ ଉଭୟ ଖରିଫ ଓ ରବି ଋତୁରେ ୬୫ ଲକ୍ଷ ୪୯ ହଜାର ମେଟ୍ରିକ ଟନ୍ ଧାନ କ୍ରୟ କରାଯାଇଥଇଲା। ଚାଉଳ ହିସାବରେ ଏହା ୪୪.୪୨ ଲକ୍ଷ ମେଟ୍ରିକ୍ ଟନ୍ ହୋଇଥିଲା। ଉକ୍ତ ବର୍ଷରେ ଖରିଫ୍ ଧାନ ସଂଗ୍ରହ ପାଇଁ ସର୍ବୋଚ୍ଚ ସମୟ ସୀମା ଅପ୍ରେଲ ଶେଷ ପର୍ଯ୍ୟନ୍ତ ଥିଲା। ଚଳିତ ଖରିଫ ବର୍ଷ ଧାନ ନଭେମ୍ବର ୨୦୧୯ରୁ ମାର୍ଚ୍ଚ ୨୦୨୦ ମଧ୍ୟରେ ସଂଗ୍ରହ କରାଯିବ। ରବି ଧାନ ମଇ ରୁ ଜୁନ୍ ୨୦୨୦ ମଧ୍ୟରେ ସଂଗ୍ରହ କରାଯିବ। ଏହି ବିସ୍ତାରିତ ସମୟ ସୀମା ମଧ୍ୟରେ ଜିଲ୍ଲାମାନେ ଧାନ ସଂଗ୍ରହର ଅବଧି ନିର୍ଣ୍ଣୟ କରିବେ। ସେ ଆହୁରି କହିଥିଲେ ଯେ କେନ୍ଦ୍ର ସରକାରଙ୍କ ନିର୍ଦ୍ଧାରଣ ଅନୁସାରେ ସାଧାରଣ ଧାନ ଓ ଗ୍ରେଡ୍ ଏ ଧାନ ପାଇଁ କ୍ୱିଂଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୧୮୧୫ ଟଙ୍କା ୧୮୩୫ ଟଙ୍କା ହାରରେ ଚାଷୀମାନଙ୍କୁ ପ୍ରଦାନ କରାଯିବ। ଧାନ ସଂଗ୍ରହ କ୍ଷେତ୍ରରେ ମହିଳା ସ୍ୱଂୟ ସହାୟକ ଗୋଷ୍ଠୀ ମାନଙ୍କୁ ଅଧିକ ସଂଖ୍ୟାରେ ନିୟୋଜିତ କରାଯିବ। ଧାନ ବିକ୍ରି ବାବଦ ପ୍ରାପ୍ୟ ତାଙ୍କ ବ୍ୟାଙ୍କ୍ ଖାତାକୁ ଅନଲାଇନ୍ ରେ ସିଧାସଳଖ ପ୍ରେରଣ କରାଯିବ। ଧାନ ବିକ୍ରି ର ୭୨ ଘଂଟା ପରିବର୍ତେ ୨୪ ରୁ ୪୮ ଘଂଟା ମଧ୍ୟରେ ସମାପନ କରାଯିବ। ଯଦି କୌଣସି ମିଲର ଦେୟ ବକେୟା ରଖିଛନ୍ତି ତାଙ୍କୁ ଧାନ ସଂଗ୍ରହ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଦିଆଯିବ ନାହିଁ। ଏହି ସଂଗ୍ରହ କାର୍ଯ୍ୟ ଓଡିଶା ଯୋଗାଣ ନିଗମ ଓ ଅନ୍ୟ ଧାନ ସଂଗ୍ରହକାରୀ ସଂସ୍ଥା ,ପ୍ୟାକସ୍ , ଲାମ୍ପସ୍ , ପାଣି ପଂଚାୟତ ମାଧ୍ୟମରେ କରାଯିବ। କେନ୍ଦ୍ର ସରକାରଙ୍କ ନିର୍ଦ୍ଧାରିତ ଅନୁଯାୟୀ ଚାଷୀମାନେ ଏଫଏକ୍ୟୁ ମାନର ଧାନ ଆଣିବେ। ଏଫଏକ୍ୟୁ ମାନ ସହାୟକ ଦର ଠାରୁ କମ୍‌ରେ ବିକ୍ରି କଲେ ଇସିଏ ୧୯୫୫ ଅନୁସାର ଦଣ୍ଡ ବିଧାନ କରାଯିବ। ଯୋଗାଣ ନିଗମ ସମସ୍ତ ଜିଲ୍ଲାରେ ଧାନ ସଂଗ୍ରହ କରିବେ। ଆବଶ୍ୟକ ପଡିଲେ ଅନ୍ୟ ସଂଗ୍ରହକାରୀ ସଂସ୍ଥା ମାନଙ୍କୁ ଚାଉଳ ବଳକା ଜିଲ୍ଲା ମାନଙ୍କରେ ନିୟୋଜିତ କରାଯିବ। ଶ୍ରୀ ତ୍ରିପାଠୀ ଆହୁରି କହିଥିଲେ ଯେ ରାଜ୍ୟରେ ସାଧାରଣ ବଂଟନ ବ୍ୟବସ୍ଥାରେ ବିତରଣ ପାଇଁ ୨୪ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଆବଶ୍ୟକ । ବଳକା ଚାଉଳ ଏଫସିଆଇ ମାଧ୍ୟମରେ କେନ୍ଦ୍ରୀୟ ଭଣ୍ଡାରକୁ ପ୍ରଦାନ କରାଯିବ। ରାଜ୍ୟ ସମସ୍ତ ୩୧୦ଟି ଧାନ ସଂଗ୍ରହକାରୀ ବ୍ଲକ୍ ରେ ସଂଗ୍ରହ ପ୍ରକ୍ରିୟା ପି ପାସ୍ ମାଧ୍ୟମରେ ପରିଚାଳିତ ହେବ। ୪ଟି ବ୍ଲକ୍ ରେ ବିକ୍ରି ଯୋଗ୍ୟ ବଳକା ଧାନ ନଥିବାରୁ ସଂଗ୍ରହ ପ୍ରକ୍ରିୟା ହେଉନାହିଁ ବୋଲି ସେ କହିଛନ୍ତି।

ଆରଟିଓମାନଙ୍କ ସହ ଭିଡିଓ କନଫରେନ୍ସିଂ ରେ କଥା ହେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୬।୯(ପି.ଏନ): ଆସନ୍ତା ୧୫ ଦିନ ମଧ୍ୟରେ ଆରଟିଓ ଅଫିସ୍ ଗୁଡିକୁ ସମ୍ପୂର୍ଣ୍ଣ ଦଲାଲ୍ ମୁକ୍ତ କରିବାପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଟ୍ରାଫିକ୍ ଆଇନର ସଫଳ କାର୍ଯ୍ୟକାରୀତା ଓ ସଡକ ସୁରକ୍ଷା ପାଇଁ ସବୁ ବିଭାଗ ଉପଯୁକ୍ତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାପାଇଁ ମୁଖ୍ୟମନ୍ତ୍ରୀ ତାଙ୍କ ନିର୍ଦ୍ଦେଶରେ କହିଛନ୍ତି। ଗୁରୁବାର ଦିନ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଲୋକସେବା ଭବନରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ , ଏସପି ଓ ଆରଟିଓ ମାନଙ୍କ ସହ ନୂଆ ଟ୍ରାଫିକ୍ ଆଇନ୍ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଲୋକଙ୍କ ସୁବିଧାପାଇଁ ଅଧିକ କାଉଂଟର ଖୋଲିବା ଓ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅପରପକ୍ଷରେ ଦ୍ରୁତ ତଥା ବିପଦପୂର୍ଣ୍ଣ ଭାବେ ଗାଡି ଚାଳନା କରୁଥିବା , ନିଶା ସେବନ କରି ଗାଡି ଚାଳନା କରୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏଥିପାଇଁ ନିୟମିତ କଡାକଡି ଯାଂଚ କରିବାପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି। ସଡକ ଦୁର୍ଘଟଣା ସମୟରେ ଆହତ ବ୍ୟକ୍ତିମାନଙ୍କର ଆଶୁ ଚିକିତ୍ସା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏଦିଗର ଆବଶ୍ୟକୀୟ ବ୍ୟବସ୍ଥା କରାଯିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସଡକ ସୁରକ୍ଷା ତଥା ଟ୍ରାଫିକ୍ ଆଇନ ସମ୍ପର୍କରେ ଜନସଚେତନତା ହିଁ ଦୁର୍ଘଟଣାକୁ ରୋକି ପାରିବ। ତେଣୁ ସ୍କୁଲ , କଲେଜ ଠାରୁ ଆରମ୍ଭ କରି ରାସ୍ତା ମାନଙ୍କରେ ଲୋକଙ୍କୁ ସଚେତନ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ଏଥିପାଇଁ ପରିବହନ ବିଭାଗ ସହଯୋଗ କରିବାପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଗାଡିର କାଗଜପତ୍ର , ଡ୍ରାଇଭିଂ ଲାଇସେନ୍ସ ଆଦି ଯେପରି ଲୋକମାନେ ସୁବିଧାରେ କରିପାରିବେ ତାକୁ ଦୃଷ୍ଟିରେ ରଖି ଆରଟିଓ ଅଫିସ୍ ମାନଙ୍କରେ ଅଧିକ କାଉଂଟର ଖୋଲିବା ସହ ଗ୍ରାମାଂଚଳରେ ଶିବିର ମାନ ଆୟୋଜନ କରିବା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଭିଡିଓ କନଫରେନ୍ସି ସମୟରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା , ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ପରାମର୍ଶଦାତା ଆର ବାଲା କ୍ରିଷ୍ଣନ୍ , ମୁଖ୍ୟ ଶାସନ ସଚିବ ଅସୀତ୍ ତ୍ରିପାଠୀ , ପୋଲିସ୍ ମହାନିର୍ଦ୍ଦେଶକ ବି କେ ଶର୍ମା , ବିଭାଗୀୟ ସଚିବ ଓ ମୁଖ୍ୟମନ୍ତ୍ରୀ ଙ୍କ ୫-ଟି ସଚିବ ପ୍ରମୁଖ ଉପସ୍ଥିତ ଥିଲେ ।

ଓଡ଼ିଶା ଟିକସ ହିସାବ ସେବା ନିୟମ ୨୦୧୧ର ସଂଶୋଧନକୁ ରାଜ୍ୟ କ୍ୟାବିନେଟର ଅନୁମୋଦନ

ଭୁବନେଶ୍ୱର,୨୬।୯(ପି.ଏନ): ଓଡ଼ିଶା ଟିକସ ହିସାବ ସେବା ନିୟମ ୨୦୧୧ର ସଂଶୋଧନ ପାଇଁ ଆସିଥିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ବୈଠକରେ ଅନୁମୋଦନ କରାଯାଇଛି । ଏ ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ସଚିବ ଅସିତ୍ ତ୍ରିପାଠୀ କହିଥିଲେ ଯେ, ରାଜ୍ୟ ଇତି ମଧ୍ୟରେ ଦ୍ରବ୍ୟ ଓ ସେବା ଟିକସ ପ୍ରଚଳନ କରାଯାଇଥିବାରୁ ରାଜ୍ୟର ଆର୍ଥିକ ସମ୍ବଳ ଏବଂ ରାଜସ୍ୱ କ୍ଷେତ୍ର ଅଧିକ ଗୁରୁତ୍ୱ ବହନ କରୁଛି । ଆର୍ଥିକ ସୁପରିଚାଳନା ନିମନ୍ତେ ଏହି ନିୟମର ଧାରା ୪, ଉପଧାରା-ଗ ଅନୁଯାୟୀ ମଂଜୁରୀପ୍ରାପ୍ତ ପଦବୀ ସଂଖ୍ୟା ୭୫୩ର ୨୦ ପ୍ରତିଶତ ପଦବୀରେ ହେଉଥିବା ନିଯୁକ୍ତିକୁ ରଦ୍ଦ କରାଯାଇଛି। ତତ୍ ସଂଗେ ସଂଗେ ଆର୍ଥିକ ପରିଚାଳନା କ୍ଷେତ୍ରରେ ସାମର୍ଥ୍ୟ ଥିବା ଓଡ଼ିଶା ଅଧସ୍ତନ ଆର୍ଥିକ ସେବା ବର୍ଗର କର୍ମଚାରୀ ମାନଙ୍କ ଦ୍ୱାରା ଧାରା-୪ର ଉପଧାରା-ଖ ଅନୁଯାୟୀ ପଦୋନ୍ନତି ମାଧ୍ୟମରେ ପୂରଣ ହେଉଥିବା ମଂଜୁରୀପ୍ରାପ୍ତ ପଦବୀ ସଂଖ୍ୟା ୭୫୩ର ୩୦ ପ୍ରତିଶତ ପଦବୀ ଗୁଡ଼କୁ ବୃଦ୍ଧି କରାଯାଇ ମଂଜୁରୀ ପ୍ରାପ୍ତ ପଦବୀର ୫୦ ପ୍ରତିଶତରେ ସୀମିତ ରଖାଯାଇଛି । ପଦୋନ୍ନତି ନିମନ୍ତେ ଆବଶ୍ୟକ ପ୍ରାର୍ଥୀ ଉପଲବ୍ଧ ନଥିଲେ ଉକ୍ତ ପଦବୀ ଗୁଡ଼ିକୁ ସିଧା ସଳଖ ନିଯୁକ୍ତି ମାଧମରେ ପୂରଣ କରାଯିବ । ସମ୍ପୃକ୍ତ ନିୟମ ଧାରା-୧୭ ଓ ୧୮ ଅନୁଯାୟୀ ଉକ୍ତ ସେବାରେ ସ୍ଥାୟୀ ହେବା ନିମନ୍ତେ ଅଧିକାରୀ ମାନଙ୍କୁ ବିଭାଗୀୟ ପରୀକ୍ଷା ଓ ମଧୁସୂଦନ ଦାସ ପ୍ରାଦେଶିକ ଆର୍ଥିକ ପରିଚାଳନା ପ୍ରତିଷ୍ଠାନର ତାଲିମ ପରୀକ୍ଷାରେ ଉତୀର୍ଣ୍ଣ ହେବା ଆବଶ୍ୟକତା ଥିଲା । ଯେହେତୁ ଏ ପରୀକ୍ଷା ଦ୍ୱୟ ପ୍ରାୟତଃ ସମାନ ଥିବାରୁ ୧୭ରେ ଥିବା ବିଭାଗୀୟ ପରୀକ୍ଷାକୁ ବାଦ୍ ଦିଆଗଲା। ପରିବୀକ୍ଷଣ ଓ ସ୍ଥାୟୀକରଣ ନିମନ୍ତେ ଧାରା-୧୬ରେ ଥିବା ସର୍ତକୁ ସଂଶୋଧନ କରାଗଲା । ସିଧା ସଳଖ ନିଯୁକ୍ତି ମାଧମରେ ନିଯୁକ୍ତି ପାଉଥିବା ଅଧିକାରୀ ବୃନ୍ଦ ଉକ୍ତ ସେବାରେ ଯୋଗଦେବାଠାରୁ କର୍ତବ୍ୟରତ ଭାବେ ୨ ବର୍ଷ ପର୍ଯ୍ୟନ୍ତ ପରିବୀକ୍ଷଣରେ ରହିବେ ଓ ପଦୋନ୍ନତି ମାଧ୍ୟମରେ ନିଯୁକ୍ତି ପାଉଥିବା ଅଧିକାରୀ ବୃନ୍ଦ ଉକ୍ତ ସେବାରେ ଯୋଗଦେବାଠାରୁ ୧ ବର୍ଷ ପର୍ଯ୍ୟନ୍ତ ପରିବୀକ୍ଷଣରେ ରହିବେ। ଶିକ୍ଷାନବିଶ ଅଧିକାରୀ ବୃନ୍ଦ ପରିବୀକ୍ଷଣ ସମୟ ସମାପ୍ତି ପରେ ଓ ନିର୍ଦ୍ଦିଷ୍ଟ ତାଲିମ ପରୀକ୍ଷାରେ ଉତୀର୍ଣ ହେବା ପରେ ଯଦି ସ୍ଥାୟୀ ପଦବୀ ଉପଲବ୍ଧ ଥାଏ ତେବେ ଉକ୍ତ ସେବାରେ ସ୍ଥାୟୀ ନିଯୁକ୍ତି ପ୍ରାପ୍ତ ହେବେ । ରାଜ୍ୟରେ ଆର୍ଥିକ ଅନ୍ତର୍ଭୁକ୍ତିକରଣର ବ୍ୟାପକ ପ୍ରସାର ଆର୍ଥିକ ସ୍ୱାକ୍ଷରତା ବୃଦ୍ଧି ପାଇଁ କାର୍ଯ୍ୟାନୁଷ୍ଠାନ, ନଗଦ ଅର୍ଥ ବିହୀନ କାରବାରକୁ ପ୍ରୋତ୍ସାହନ ଓ ହିତାଧିକାରୀଙ୍କ ଜମାଖାତାକୁ ସେମାନଙ୍କର ପ୍ରାପ୍ୟ ଅର୍ଥ ସିଧା ସଳଖ ପ୍ରେରଣ ଉପରେ ବିଶେଷ ପ୍ରାଧାନ୍ୟ ଦେବା ପାଇଁ ସ୍ଥିର କରାଯାଇଛି ।

ବିପଦ ଶଙ୍କୁଳ ଅବସ୍ଥାରେ ଲିଙ୍ଗରାଜ ମନ୍ଦିର : ମରାମତି ପାଇଁ ଏଏସଆଇକୁ ଚିଠି ଲେଖିଲେ ଦେବୋତର କମିଶନର

ଭୁବନେଶ୍ୱର, ୨୬।୯(ପି.ଏନ): ଲିଙ୍ଗରାଜ ମନ୍ଦିର ବିପଦଶଙ୍କୁଳ ଅବସ୍ଥାରେ ରହିଥିବା ନେଇ ଦେବୋତର କମିଶନର ଭାରତୀୟ ପ୍ରତ୍ନତତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସଆଇ) ଡିଜିକୁ ଚିଠି ଲେଖି ଜଣାଇଛନ୍ତି । ସେ ଏଥିରେ ଦର୍ଶାଇଛନ୍ତି, ମନ୍ଦିରର ଦଧିନଉତି ଓ ଶିଖରରେ ଫାଟ ଦେଖା ଦେଇଛି । ମୁଖ୍ୟ ମନ୍ଦିରର ଯୋଡା ସ୍ଥାନରେ ପାଣି ଗଳୁଛି । ମନ୍ଦିର କାନ୍ଥରେ ଥିବା ମୂର୍ତ୍ତି, କାରୁକାର୍ଯ୍ୟ ମଧ୍ୟ ଧୀରେଧୀରେ ନଷ୍ଟ ହୋଇଗଲାଣି। ଏହାର ମରାମତି ଏକାନ୍ତ ଜରୁରୀ ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି। ସମୟ ପୂର୍ବରୁ ମରାମତି ନହୁଏ ତେବେ ମନ୍ଦିରରୁ କୌଣସି ସମୟରେ ପଥର ଖସିବାର ଆଶଙ୍କା ରହୁଛି। କେବଳ ଏତିକି ନୁହେଁ, ମୁଖ୍ୟମନ୍ଦିରର ବିଭିନ୍ନ ସ୍ଥାନରୁ ପାଣି ଗଳୁଛି। ବେଢାରେ ଜଗମୋହନ, ପାର୍ବତୀ ମନ୍ଦିର, ଗଣେଶ ମନ୍ଦିର, ରୋଷଘର, ଭୋଗମଣ୍ଡପ, ବିଶ୍ୱକର୍ମା ମନ୍ଦିର, ଭୁବନେଶ୍ୱରୀ ମନ୍ଦିର, ଏକାମ୍ରେଶ୍ୱର ମନ୍ଦିର, ଉଗ୍ରେଶ୍ୱର ମନ୍ଦିରରୁ ମଧ୍ୟ ସାମାନ୍ୟ ବର୍ଷାରେ ପାଣି ଗଳୁଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ରାଜ୍ୟରେ ଥିବା ପ୍ରାଚୀନ ମନ୍ଦିର ସହ ବଡ଼ ବଡ଼ ମନ୍ଦିର ଗୁଡିକର ଅଡ଼ିଟ୍ କରାଯିବ । ୬୧ଟି ମନ୍ଦିର ଅଡ଼ିଟ୍ କରିବା ପାଇଁ ଦେବୋତର କମିଶନର ଓଡ଼ିଶା ପ୍ରିନ୍ସିପାଲ ଆକାଉଂଟ ଜେନେରାଲଙ୍କୁ ଚିଠି ଲେଖି ଜଣାଇଛନ୍ତି। ଏଥି ମଧ୍ୟରେ ରହିଛି ଭୁବନେଶ୍ୱର ସ୍ଥିତ ଲିଙ୍ଗରାଜ ମନ୍ଦିର, ଶନି ମନ୍ଦିର, ଶ୍ରୀରାମ ମନ୍ଦିର, କଟକ ସ୍ଥିତ ପଂଚମୁଖୀ ହନୁମାନ, କଟକ ଚଣ୍ଡୀ ମନ୍ଦିର, ଜଗତସିଂହପୁର ଝଙ୍କଡ଼ସ୍ଥିତ ଶାରଳା ମନ୍ଦିର ଓ ଗୋରଖନାଥ ମନ୍ଦିର, ଯାଜପୁରର ବିରଜା ମନ୍ଦିର, କେନ୍ଦ୍ରାପଡ଼ାର ପ୍ରସିଦ୍ଧ ବଳଦେବଜୀଉ ମନ୍ଦିର, ବାଙ୍କୀ ମା ଚର୍ଚ୍ଚିକା, ଭଦ୍ରକ ଆରଡ଼ି ସ୍ଥିତ ବାବା ଆଖଣ୍ଡଳମଣି ମନ୍ଦିର । ଏହି ମନ୍ଦିର ଗୁଡିକର ପରିଚାଳନା କମିଟି ପୂର୍ବରୁ ନିଜର ଆୟ ବ୍ୟୟର ସମସ୍ତ ହିସାବ ନିଜେ ରଖୁଥିଲେ ।

ମେଡିକାଲରୁ ୩୦ ଦଲାଲ୍ ଗିରଫ

ଭୁବନେଶ୍ୱର, ୨୬।୯(ପି.ଏନ): ମେଡିକାଲ ଗୁଡିକୁ ଦଲାଲ୍ ଏବଂ ମଧ୍ୟସ୍ଥି ମାନଙ୍କ କବଳରୁ ମୁକ୍ତ କରିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡ଼ିଏମଓ) ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ (ଏସପି) ମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଆଜି ରାଜ୍ୟର କେତେକ ମେଡିକାଲ, ଡିସପେନସାରୀ ରେ ଚଢ଼ଉ କରାଯାଇ ପ୍ରାୟ ୩୦ ଜଣ ଦଲାଲ୍ ଙ୍କୁ ଗିରଫ କରାଯାଇଛି । ଏଥି ମଧ୍ୟରେ କ୍ୟାପିଟାଲ ହସ୍ପିଟାଲରୁ ୫ ଜଣ, ସମ୍ବଲପୁର ଭୀମସାରରୁ ୫ ଜଣ, ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜରୁ ୫ ଜଣ, ଭଦ୍ରକରୁ ୪, ମୟୂରଭଞ୍ଜରୁ ୩, ବାଲେଶ୍ୱରରୁ ୩ ଓ ନବରଙ୍ଗପୁରରୁ ୨ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ରାଜ୍ୟର ଅନ୍ୟାନ୍ୟ ମେଡ଼ିକାଲରୁ ୩ ଜଣଙ୍କୁ ଗିରଫ କରାଯାଇଛି । ତେବେ ଆଗାମୀ ଦିନରେ ବିଭିନ୍ନ ହସ୍ପିଟାଲରେ ଅନୁରୂପ ଚଢ଼ଉ ଜାରୀ ରହିବ ବୋଲି ରାଜ୍ୟ ପୋଲିସ ଡ଼ିଜି ବି.କେ. ଶର୍ମା ସୂଚନା ଦେଇଛନ୍ତି ।

କୋଟିପତି କେନ୍ଦୁପତ୍ର ଫରେଷ୍ଟରଙ୍କ ଘରେ ଆୟ ବହିର୍ଭୁତ ସମ୍ପତି ଠୁଳ ମାମଲାରେ ଭିଜିଲାନ୍ସ ଚଢାଉ

ବୌଦ୍ଧ, ୨୬।୯(ପି.ଏନ): ଆୟ ବହିର୍ଭୁତ ସମ୍ପତି ଠୁଳ ମାମଲାରେ ଭିଜିଲାନସ ବିଭାଗପକ୍ଷରୁ ଗୁରୁବାର ଦିନ ଜଣେ କେନ୍ଦୁପତ୍ର ଫରେଷ୍ଟରଙ୍କ ଘରେ ଚଢାଉ କରିଛନ୍ତି । ଗୁରୁବାର ସକାଳୁ ବୌଦ୍ଧ ଓ ଫୁଲବାଣୀ ଭିଜିଲାନସର ମିଳିତ ଉଦ୍ୟମରେ ବୌଦ୍ଧ ଜିଲା କେନ୍ଦୁପତ୍ର ବିଭାଗରେ କାର୍ଯ୍ୟରତ ଫରେଷ୍ଟର ଜଗବନ୍ଧୁ ପାତ୍ରଙ୍କ ଘରେ ଭିଜିଲାନସ ଚଢାଉ କରିଥିଲା । ବୌଦ୍ଧ ଚିଜିଲାନସ ବିଭାଗ ପକ୍ଷରୁ ଏକକାଳୀନ ୪ ଗୋଟି ସ୍ଥାନରେ ଚଢାଉ କରାଯାଇଥିଲା । ଚଢାଉରେ ଶ୍ରୀପାତ୍ରଙ୍କ ଦୁଇଟି ବାସଭବନ,ଭଡାରେ ଲାଗିଥିବା ଦୋକାନ,ଅଫିସ କାଗଜପତ୍ର ସବୁ ଯାଂଚ କରାଯାଉଅଛି। ଭିଜିଲାନସ ଚଢାଉରେ ଗୋଟିଏ ଘରର ମୂଲ୍ୟ ୫୭ ଲକ୍ଷ, ୬୧ ହଜାର , ଆଉଗୋଟେ ଘରର ମୂଲ୍ୟ ୪୫ ଲକ୍ଷ ୬୮ ହଜାର, ୧୦ ଲକ୍ଷ ୬୮ ହଜାରର ଜମିବାଡି, ଘରର ଆସବାବ ପତ୍ର ମୂଲ୍ୟ ୬ ଲକ୍ଷ ୪୭ ହଜାର, ସୁନାର ମୂଲ୍ୟ ୧ଲକ୍ଷ ୮୨ ହଜାର, ବ୍ୟାଙ୍କରେ ୧ଲକ୍ଷ ୮୫ ହଜାର ଓ ତାଙ୍କ ଘରୁ ୪୧ ହଜାର ଟଙ୍କା ପାଇଥିବା ଭଜିଲାନସ ଡିଏସପି ରବିକାନ୍ତ ସୁନା ସୁଚନା ଦେଇଥିଲେ । ଶ୍ରୀପାତ୍ର ଓଡ଼ିଶା ବନ କର୍ମଚାରୀ ସଂଘର ରାଜ୍ୟ ସଭାପତି ଭାବରେ କାର୍ଯ୍ୟ କରିଆସୁଅଛନ୍ତି । ଶ୍ରୀ ପାତ୍ରଙ୍କ ସମୁଦାୟ ସମ୍ପତିର ମୁଲ୍ୟ ୧ କୋଟି ୨୪ ଲକ୍ଷ ୮୯ ହଜାର ଆକଳନ କରାଯାଇଛି । ଏନେଇ ଡିଏସପି ରବିକାନ୍ତ ସୁନାଙ୍କୁ ପଚାରିବାରୁ ତାଙ୍କର ସଂମ୍ପତି କୋଟିଏରୁ ଅଧିକ ଆକଳନ କରାଯାଇଛି, ଏବେ ବି ତଦନ୍ତ ଚାଲିଛି , ତଦନ୍ତ ପରେ କେତେ ସମ୍ପତି ତାଙ୍କର ଆୟବର୍ହିଭୁତ ଅଛି ଜଣାପଡିବ ବୋଲି ପ୍ରକାଶ କରିଥିଲେ । ଏହି ଚଢାଉରେ ଇନିସପେକଟର ପୌଲସ୍ତି ଛତରିଆ, ନବିନ ଚନ୍ଦ୍ର ନାୟକ, କୁମୁଦିନି ସାହୁ, କ୍ରିଷ୍ଣାକୁମାରୀ ପ୍ରଧାନଙ୍କ ସମେତ ବହୁ କର୍ମଚାରୀ ଏହି ଚଢାଉରେ ସାମିଲ ଥିଲେ । ଅଧିକ ତଦନ୍ତ କରିବା ପାଇଁ ଫରେଷ୍ଟର ଜଗବନ୍ଧୁ ପାତ୍ରଙ୍କୁ ଭିଜିଲାନସ୍ ପକ୍ଷରୁ ଅଟକ ରଖାଯାଇଛି ।

ଆଜିଠାରୁ ମହଙ୍ଗା ହେବ ଓମଫେଡ୍ କ୍ଷୀର

ଭୁବନେଶ୍ୱର, ୨୬।୯(ପି.ଏନ): ଆସନ୍

ଟି ଟାଇମ୍

କଇଁଛ ପେଟରୁ ବାହାରିଲା ୩ହଜାର ଟଙ୍କାର କଏନ

ବ୍ୟାଙ୍କକ ଭାରତରେ ଲୋକେ ନିଜ ମନସ୍କାମନା ପୂରଣ ପାଇଁ ପାଣିରେ କଏନ ଫିଙ୍ଗିଥାନ୍ତି। ହେଲେ ଭାରତରେ ନୁହେଁ ବିଦେଶରେ ମଧ୍ୟ ଏଭଳି ଘଟଣା ଦେଖିବାକୁ ମିଳିଥାଏ। ତେବେ ପାଣିରେ ଟଙ୍କା ଫିଙ୍ଗିବା ସମୟରେ ଆମେ ଭୁଲିଯାଇଥାଉ ଯେ ପାଣି ଭିତରେ ଥିବା ଜୀବ ଉପରେ ଏହାର କି ପ୍ରଭାବ ପଡୁଥିବ। ଏଭଳି ଏକ ଘଟଣା ଥାଇଲାଣ୍ଡରେ ଦେଖିବାକୁ ମିଳିଛି। ନିକଟରେ ଥାଇଲାଣ୍ଡ ସମୁଦ୍ର ତଟରୁ ଏକ ଗୁରୁତର ଅସୁସ୍ଥ ଥିବା କଇଁଚଟିକୁ ଲୋକେ ଦେଖିଥିଲେ। ଏହି କଇଁଚଟିର ନାମ ବ୍ୟାଙ୍କ ହୋଇଥିବା ବେଳେ ସେ ନିୟମିତ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଥିଲା। ତେଣୁ ଅସୁସ୍ଥ ଏହି କଇଁଚଟିକୁ ଲୋକେ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ଏହାର ସିଟି ସ୍କାନ କରିବା ପରେ ଦେଖିବାକୁ ପାଇଥିଲେ କଇଁଚଟିର ପେଟ ଭିତରେ ଅନେକ ପରିମାଣର ପୁରୁଣା ମୁଦ୍ରା ରହିଛି। ଯେଉଁ କାରଣରୁ ତା'ର ପେଟ ଭିତରେ ସଂକ୍ରମଣ ହୋଇଥିଲା। ଅପରେସନ ପରେ କଇଁଚ ପେଟରୁ ଏହି ମୁଦ୍ରା କଢାଯାଇଥିଲା। ପେଟ ଭିତରେ ଥିବା ଏହି ମୁଦ୍ରାର ପରିମାଣ ପାଖାପାଖି ୩ହଜାର ଟଙ୍କା ହେବ ବୋଲି ଜଣାପଡିଛି।

ଆକର୍ଷଣୀୟ ତ୍ୱଚା ପାଇଁ ତେନ୍ତୁଳି ରସ

ପାଚିଲା ତେନ୍ତୁଳିକୁ ପାଣିରେ ଫୁଟାଇ ରସ୍ ବାହାର କରନ୍ତୁ। ଦୁଇ ଚାମଚ ହଳଦୀ ଗୁଣ୍ଡ ଫେଣ୍ଟି ସପ୍ତାହରେ ତିନି ଥର ଲଗାନ୍ତୁ। ତ୍ୱଚା ସଫା ରହିବ।

ଏକ ଚାମଚ ତେନ୍ତୁଳି ରସରେ ଏକ ଚାମଚ ମହୁ କିମ୍ବା ଲେମ୍ବୁ ରସ ଫେଣ୍ଟି ମୁହଁ, ବେକ, ହାତ ପାଦରେ ସପ୍ତାହରେ ଦୁଇ/୩ଥର ଲଗାଇଲେ ଉଜ୍ଜ୍ୱଳତା ବଢ଼ିବାରେ ସାହାଯ୍ୟ କରେ।

ବୟସ ରେଖା କିମ୍ବା ତ୍ୱଚା କୁଞ୍ଚନ ଦୂର ପାଇଁ ଭିଟାମିନ୍ ଏ.ସି ଏଣ୍ଟିଅକ୍ସିଡାଣ୍ଟ୍ ଆବଶ୍ୟକ। ତେଣୁ ଏସବୁ ତେନ୍ତୁଳିରେ ଭରପୁର ରହିଥାଏ। ତେଣୁ ସମାନ ପରିମାଣର ତେନ୍ତୁଳି ରସ ସହ ମହୁ ଫେଣ୍ଟି ଲଗାନ୍ତୁ ସୁଫଳ ମିଳିବ।

ଆଖିତଳ କଳାଦାଗ ଦୂର ପାଇଁ ତେନ୍ତୁଳି ରସ ବ୍ୟବହାର କରନ୍ତୁ। ଗୋଲାପ ଜଳରେ ତେନ୍ତୁଳି ରସ ଫେଣ୍ଟି ବ୍ରଣରେ ଲଗାଇଲେ ଉପଶମ ମିଳିଥାଏ। କିଛି ଦିନ ପରେ ବ୍ରଣ ଚାଲିଯାଏ।

ପୁରାଣ କାହାଣୀ

ଅନନ୍ତ ବାସୁଦେବ ମନ୍ଦିର

ଅନନ୍ତ ବାସୁଦେବ ମନ୍ଦିର ଏକ ହିନ୍ଦୁ ମନ୍ଦିର ଯାହା ଭୁବନେଶ୍ୱରର ବିନ୍ଦୁସାଗର ତୀରରେ ଅବସ୍ଥିତ। ଗଙ୍ଗ ବଂଶର ରାଜା ତୃତୀୟ ଅନଙ୍ଗ ଭୀମଦେବଙ୍କ କନ୍ୟା ଚନ୍ଦ୍ରାବତୀ ଏହି ମନ୍ଦିରଟିକୁ ୧୨୭୮ ମସିହାରେ ତୋଳାଇଥିବାର ଜଣାଯାଏ। ଏଠାରେ କୃଷ୍ଣ ବଳରାମ ଏବଂ ସୁଭଦ୍ରାଙ୍କ ପୂର୍ଣ୍ଣାବୟବ ପ୍ରତିମା ପୂଜା କରାଯାଉଛି। ଅନନ୍ତ ବା ବଳରାମଙ୍କର ଦଣ୍ଡାୟମାନ ସପ୍ତଫେଣାକୃତ ମୂର୍ତ୍ତି ଡାହାଣ ହାତରେ ହଳ ଓ ବାମ ହାତରେ ମୂଷଳ ଧରି ପୂଜା ପାଉଛନ୍ତି। ବାସୁଦେବ ବା କୃଷ୍ଣଙ୍କ ମୂର୍ତ୍ତି ହାତରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଶୋଭାପାଉଛି। ସୁଭଦ୍ରାଙ୍କ ମୂର୍ତ୍ତି ବିକସିତ ପଦ୍ମ ଉପରେ ଦଣ୍ଡାୟମାନ ଭାବରେ ପୂଜିତ। ମନ୍ଦିରର ଦକ୍ଷିଣ ପଶ୍ଚିମ କୋଣରେ ମାତଙ୍ଗୀ ମହାଲକ୍ଷ୍ମୀଙ୍କ ପ୍ରତିମା ଓ ପାଷାଣ ସ୍ତମ୍ଭ ଭାବରେ ସୁଦର୍ଶନ ସ୍ଥାପିତ ଅଛନ୍ତି। ସିଂହଦ୍ୱାରରେ ସିଂହମୂର୍ତ୍ତି ରହିଛି। ପାର୍ଶ୍ୱଦେବତା ଭାବରେ ଦକ୍ଷିଣରେ ବରାହ ଓ ଉତ୍ତରରେ ବାମନ ପୂଜା ପାଉଛନ୍ତି। ଦ୍ୱାରପାଳ ଅଛନ୍ତି ଜୟ-ବିଜୟ। ମନ୍ଦିର ବେଢ଼ାରେ ପିଢ଼ିଦେଉଳ, ଜଗମୋହନ, ନାଟମନ୍ଦିର ଓ ଭୋଗମଣ୍ଡପ ରହିଛି।

ବିଶ୍ୱ ଚାମ୍ପିୟନ୍ ମାର୍ଥା

ନିକଟରେ ଆମେରିକା ସ୍ଥିତ ପେଟାଲୁମା ଅଂଚଳରେ (କାଲିଫର୍ଣ୍ଣିଆ) ଆୟୋଜିତ ହୋଇଥିଲା ୨୯ ତମ ବାର୍ଷିକ ଦୁନିଆର ସବୁଠାରୁ ଅସୁନ୍ଦର କୁକୁର ଚୟନ ପ୍ରତିଯୋଗିତା। ଏଥିରେ ମାର୍ଥା ନାମକ କୁକୁର ବାଜି ମାରି ନେଇଛି। ନିୟାପୋଲିଟନ୍ ମେଷ୍ଟିଫ ବ୍ରିଡର ଏହି କୁକୁର ମାର୍ଥାର ବୟସ ୩ ବର୍ଷ ଓ ଓଜନ ୧୨୫ ପାଉଣ୍ଡ। ପ୍ରତିଯୋଗିତାରେ ସଫଳ ହେବାପରେ ମାର୍ଥାକୁ ୧୫୦୦ ଡଲାରର ଟ୍ରଫି ସହିତ ଫଟୋସୁଟ୍ ପାଇଁ ନ୍ୟୁୟର୍କ ଭ୍ରମଣରେ ନିଆଯିବ। ଏହି ପ୍ରତିଯୋଗିତାରେ ସବୁଠାରୁ ଅସୁନ୍ଦର କୁକୁର ବାଛିବା ପାଇଁ ତିନି ଜଣ ଜଜ୍ ବସିଥିଲେ। ଏହି ପ୍ରତିଯୋଗିତା ଫଳରେ ଉତ୍ତରୀ କାଲିଫର୍ଣ୍ଣିଆ ଅଂଚଳରେ ମନୋରଂଜନ ପରିବେଶ ସୃଷ୍ଟି ହୋଇଥିଲା। ମାର୍ଥା ବିଜୟ ହେବା ପରେ ଷ୍ଟେଜ୍ ଚାରିପାଖ ବୁଲିଥିଲା। ପ୍ରତିଯୋଗିତାରେ ସାମିଲ ହୋଇଥିବା ୧୬ ଜଣ କୁକୁରଙ୍କୁ ପଛରେ ପକାଇ ମାର୍ଥା ଶୀର୍ଷରେ ପହଞ୍ଚିପାରିଥିଲା। ୧୬ ବର୍ଷୀୟ ବ୍ରିସେଲ୍ସ ଗଫନ୍ ମିକ୍ସ ପ୍ରଜାତିର ମୋଏ ନାମକ କୁକୁର ରନର୍ସ ଅପ୍ ହୋଇଛି।

ସାର୍କଠୁ ହାରିଲେ ଫିଲିପ୍ସ

ଦୁନିଆର ୧ ନମ୍ବର ସନ୍ତରଣକାରୀ ଆମେରିକାର ମାଇକ୍ ଫିଲିପ୍ସଙ୍କୁ କିଏ ବା ନ ଜାଣେ? ୩୨ ବର୍ଷୀୟ ଫିଲିପ୍ସ ଅଲମ୍ପିକରେ ସବୁଠୁ ଅଧିକ ୨୮ଟି ପଦକ ହାତେବାର ରେକର୍ଡ ତାଙ୍କ ନାଁରେ କରିଛନ୍ତି। ଅଲମ୍ପିକିରେ ପ୍ରତିଥର ୫ରୁ ଅଧିକ ପଦକ ଜିତିଥିବା ଫିଲିପ୍ସଙ୍କର ସଂଘର୍ଷ ଏଥର କୌଣସି ପ୍ରତିଯୋଗୀଙ୍କ ସହ ନୁହେଁ ବରଂ ସାର୍କ ମାଛ ସହ ହୋଇଥିଲା। ସାର୍କ ସପ୍ତାହ ଅବସରେ ଡିସ୍କୋଭରୀ ଚ୍ୟାନେଲର ବିଶେଷ ଶୋ' ରେ ଫିଲିପ୍ସ ଏବଂ ସାର୍କ ଭିତରେ ଏକ ଦମ୍‌ଦାର ରେସ ହୋଇଥିଲା। ୧୦୦ ମିଟର ରେସ୍‌ର ପ୍ରତିଯୋଗିତା ବହାମାସ ସମୁଦ୍ରର ଗରମ ପାଣିରେ ହୋଇଥିଲା। ଏହି ରୋମାଞ୍ଚକର ପ୍ରତିଯୋଗିତାରେ ଇତିହାସ ରଚେତା ଫିଲିପ୍ସ ଦୁଇ ସେକେଣ୍ଡ ଅନ୍ତରରେ ସାର୍କଠାରୁ ହାରି ଯାଇଥିଲେ।

ଆଜିର ଭାଗ୍ୟ

ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ଅଲଗା ହେଲେ ବାଜୀରାଓ-ମସ୍ତାନୀ

ବଲିଉଡରେ କେତେ କାହାର ସମ୍ପର୍କ ଯୋଡି ହୋଇଯାଏ ତ କେତେକାହାର ଭାଙ୍ଗିଯାଏ। ଏହା ଏକ ଲୋକକଥା ପାଲଟିଗଲାଣି। ଫିଲ୍ମ ଭଳି ରିୟଲ ଲଶଇଫରେ ସମ୍ପର୍କର ହାପି ଏଣ୍ଡିଙ୍ଗ ହୋଇନଥାଏ। ଗତ ବର୍ଷ ଅନେକ ଅଭିନେତ୍ରୀଙ୍କ ପାଇଁ ଥିଲା ଖରାପ ବର୍ଷ। କାହିଁକି ନା ଗତବର୍ଷ ମଲାଇକା-ଅରବାଜ, ସୁଜେନ୍-ହ୍ରିତିକ ଓ ରଣବୀର-କ୍ୟାଟ୍ରିନାଙ୍କ ବିଚ୍ଛେଦ ହୋଇଥିଲା। ମନେ ହେଉଛି ଚଳିତ ବର୍ଷ ମଧ୍ୟ କିଛି ସେପରି ହେବାକୁ ଯାଉଛି। ବଲିଉଡର ସବୁଠାରୁ ଲୋକପ୍ରିୟ ରାମଲୀଲା ତଥା ବାଜୀରାଓ-ମସ୍ତାନୀ ଯୋଡି ଏବେ ଭିନ୍ନ ହୋଇଯାଇଛନ୍ତି। ଆଶ୍ଚର୍ଯ୍ୟ ହୋଇଗଲେ ନା! ବି-ଟାଉନ୍‌ରେ ଏବେ ଚର୍ଚ୍ଚା ଜୋର୍ ଧରିଛି ଯେ, ଦୀପିକା ଓ ରଣବୀର ସିଂହଙ୍କ ବ୍ରେକଅପ୍ ହୋଇଯାଇଛି। ବ୍ରେକ୍‌ଅପ୍‌ର କାରଣ କୌଣସି ତୃତୀୟ ବକ୍ତି ପାଇଁ ନୁହେଁ ବରଂ ଉଭୟଙ୍କ ବିଜି ସେଡ୍ୟୁଲ ତାଙ୍କ ସମ୍ପର୍କରେ ଫାଟ ଆଣିଛି। ଗୋଟିଏ ପଟେ ରଣବୀର ଦୀପିକାଙ୍କ ସହ ବିବାହ କରିବାକୁ ଚାହୁଁଥିବା ବେଳେ ଦୀପିକା ତାଙ୍କର ହଲିଉଡ୍ ଓ ବଲିଉଡ୍ ପ୍ରୋଜେକ୍ଟରେ ବ୍ୟସ୍ତ ରହୁଛନ୍ତି। ଦୀପିକା କହୁଛନ୍ତି ବିବାହ କଲେ ଫିଲ୍ମ କ୍ୟାରିୟର ଉପରେ ପ୍ରଭାବ ପଡିବ। ଦୀପିକାଙ୍କ ଏପରି ଭାବିବା ବି ସ୍ୱାଭାବିକ। କାହିଁକି ନା ବଲିଉଡରେ ବିବାହିତ ହିରୋଇନ୍‌ଙ୍କୁ ଭଲ ରୋଲ୍ ମିଳିନଥାଏ। ଅନ୍ୟପଟେ ଦୀପିକାଙ୍କ ହଲିଉଡ୍ କ୍ୟାରିୟର ଅଛି। ଶୁଣିବାକୁ ମିଳୁଛି ରଣବୀର ଦୀପିକାଙ୍କଠୁ ଅଲଗା ହେବାପରେ ଆଉ ଜଣେ ଗାର୍ଲଫ୍ରେଣ୍ଡ ମଧ୍ୟ ଖୋଜି ନେଇଛନ୍ତି। ଏହି ଝିଅଟି କିଏ, ସେ ବିଷୟରେ କିଛି ସୂଚନା ମିଳିନାହିଁ। ୨୦୧୨ରେ ଆରମ୍ଭ ହୋଇଥିବା ଦୀପିକା ରଣବୀରଙ୍କ ସମ୍ପର୍କ ଏତେ ଜଲଦି ଭାଙ୍ଗିଯିବା ତାହା ଉଭୟଙ୍କ ବାପା ମା'ଙ୍କୁ ବି ଜଣାନଥିଲା।

ଆସିବ ନୂଆ ୨୦ଟଙ୍କିଆ ନୋଟ

ଭାରତୀୟ ରିଜର୍ଭ ବ୍ୟାଙ୍କ ଖୁବଶୀଘ୍ର ବଜାରକୁ ଛାଡିବ ୨୦ଟଙ୍କିଆ ନୂଆ ନୋଟ। ଏହି ନୋଟ ମହାତ୍ମାଗାନ୍ଧୀ ସିରିଜ ୨୦୦୫ର ହେବ। ଏହାର ଡିଜାଇନ ବର୍ତ୍ତମାନ ପ୍ରଚଳିତ ୨୦ଟଙ୍କିଆ ନୋଟ ଭଳି ମଧ୍ୟ ରହିବ। ଗୁରୁବାର ଆରବିଆଇ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ ଏହି ନୂଆନୋଟର ନମ୍ବର ପ୍ୟାନେଲ ଉପରେ ଏସ ଲେଟର ଲେଖା ରହିବ ଏବଂ ଏଥିରେ ଗଭର୍ଣ୍ଣର ଉର୍ଜିତ ପଟେଲଙ୍କ ଦସ୍ତଖତ ରହିବ। ଆରବିଆଇ ତା'ର ବିଜ୍ଞପ୍ତିରେ ଉଲ୍ଲେଖ କରିଛି ଯେ ପୁରୁଣା ନୋଟ ଭଳି ଏହି ନୂଆନୋଟ ଦେଖିବାକୁ ସମାନ ଅଟେ। ବଜାରରେ ପୁରୁଣା ୨୦ଟଙ୍କିଆ ନୋଟ ନୂଆ ନୋଟ ପ୍ରଚଳନ ପରେ ବନ୍ଦ ହୋଇଯିବା ନେଇ ଯେଉଁ ଚର୍ଚ୍ଚା ସୃଷ୍ଟି ହୋଇଛି ତାକୁ ଖଣ୍ଡନ କରି ଆରବିଆଇ ପକ୍ଷରୁ କୁହାଯାଇଛି ଯେ ଉଭୟ ନୂଆ ଏବଂ ପୁରୁଣା ନୋଟ ବଜାରର ପ୍ରଚଳନ ଧାରାରେ ରହିବ। ଆରବିଆଇ ଛାପିବ ନାହିଁ ଅଧିକ ୨ହଜାର ଟଙ୍କିଆ ନୋଟ ବଡ଼ ନୋଟ ପ୍ରଚଳନ ଉପରେ ଅଙ୍କୁଶ ଲଗାଇବା ଏବଂ ଛୋଟ ନୋଟ ପ୍ରଚଳନ ଉପରେ ଗୁରୁତ୍ୱ ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯେଉଁ ପଦକ୍ଷେପ ନେଇଥିଲେ ତାହା ଏବେ ସଫଳ ହୋଇଛି। ବର୍ତ୍ତମାନ ବଜାରର ଚଳଣୀ ଧାରାରେ ୨ହଜାର ଟଙ୍କିଆ ନୋଟ ନୁହେଁ, ୫୦୦ ଏବଂ ୧୦୦ ଟଙ୍କିଆ ନୋଟର ପ୍ରଚଳନ ବେଶ ବଢିଛି। ସେହିପରି ଛୋଟ ନୋଟର ଚଳଣୀ ମଧ୍ୟ ବଢିଛି। ଏହାକୁ ଦୃଷ୍ଟିରେ ରଖି ସରକାର ଅଧିକ ୨ହଜାର ଟଙ୍କିଆ ନୋଟ ନ ଛାପିବା ପାଇଁ ଆରବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଗତ ଏପ୍ରିଲ ମାସରେ ନୋଟ ଛପାଇବା ସମ୍ପର୍କିତ ଏକ ବୈଠକ ସରକାରଙ୍କ ସହ ଅନୁଷ୍ଠିତ ହୋଇଥିଲା। ବୈଠକରେ ୧୦୦କୋଟି ଟଙ୍କାର ୨ହଜାର ଟଙ୍କିଆ ନୋଟକୁ ଛାପିବା ପାଇଁ ଅନୁମତି ଦେବା ପାଇଁ ଆରବିଆଇ ପକ୍ଷରୁ ପ୍ରସ୍ତାବ ରଖାଯାଇଥିବା ବେଳେ ସରକାରଙ୍କ ପକ୍ଷରୁ ଏହାକୁ ଖାରଜ କରାଯାଇଥିଲା। ଅନ୍ୟପଟେ ସରକାର ଅନ୍ୟ ନୋଟ ଅର୍ଥାତ ୫୦୦, ୧୦୦ ଓ ୫୦ଟଙ୍କିଆ ନୋଟକୁ ଅଧିକ ଛାପିବା ପାଇଁ ଆରବିଆଇ ପ୍ରସ୍ତାବକୁ ମୁରି ଦେଇଥିଲେ।

ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ ।

ଅନୁସୂଚିତଙ୍କ ସ୍ୱାର୍ଥରକ୍ଷା

ଭୁବନେଶ୍ୱର (ପିଏନ୍): ଅନୁସୂଚିତ ଜାତି ଓ ଜନଜାତି ନିର୍ଯ୍ୟାତନା ନିବାରଣ ଆଇନ (ଏସ୍.ଏସଟି) ଆକ୍ଟର ସଂଶୋଧନ ସମ୍ପର୍କିତ ସୁପ୍ରିମକୋର୍ଟଙ୍କ ଐତିହାସିକ ଓ ବହୁଚର୍ଚ୍ଚିତ ରାୟକୁ ବିରୋଧ କରି ନିକଟରେ ଭାରତର ବିଭିନ୍ନ ସ୍ଥାନରେ ଦଳିତ ସଂଗଠନ ପକ୍ଷରୁ ବନ୍ଦ ବିକ୍ଷୋଭ ଡାକରା ଦିଆଯାଇଥିଲା। ରାଷ୍ଟ୍ର ପରିଚାଳନା ପାଇଁ ସମ୍ବିଧାନର ପ୍ରଣେତା ବା ସ୍ରଷ୍ଟାମାନେ ବିଭିନ୍ନ ଦିଗର ଅନୁଧ୍ୟାନ ପୂର୍ବକ ସାମାଜିକ ବର୍ଗସମୂହର ଉନ୍ନତି ନିମିତ୍ତ କିଛି ନିୟମର ବ୍ୟବସ୍ଥା ରଖିଥିଲେ। ସ୍ୱାଧୀନତାପ୍ରାପ୍ତି ସହ ସମ୍ବିଧାନର କାର୍ଯ୍ୟକାରିତା ପରଠାରୁ ସାମାଜିକ ବର୍ଗ ସମୂହକୁ ଅନ୍ୟ ଆଗଧାଡ଼ିର ସମକକ୍ଷ କରିବା ସକାଶେ ପ୍ରଚଳିତ ବ୍ୟବସ୍ଥାରେ ସଂଶୋଧନ ଅଣାଯିବା ପାଇଁ ବ୍ୟବସ୍ଥା ହେଉଛି। ଅନୁସୂଚିତ ଜାତି ଓ ଉପଜାତି ବର୍ଗ ପାଇଁ ବିଭିନ୍ନ ଆରକ୍ଷଣ ବ୍ୟବସ୍ଥା କରାଯିବା ସମୟରେ କର୍ତ୍ତୃପକ୍ଷ ଯେଉଁ ନିର୍ଦ୍ଦିଷ୍ଟ ଅବଧି ରଖିଥିଲେ ତାହା ଆବଶ୍ୟକତାକୁ ଲକ୍ଷ୍ୟରେ ରଖାଯାଇ ବୃଦ୍ଧି କରାଯାଉଛି। ଏହା ନିରାଟ ସତ୍ୟ ଯେ ନିଯୁକ୍ତି ଓ ପଦୋନ୍ନତିବେଳେ ଅନୁସୂଚିତ ଜାତି ଓ ଉପଜାତିର କର୍ମଚାରୀଙ୍କୁ ଯେଉଁ ପ୍ରକାର ସୁବିଧା ଦିଆଯାଉଛି ତାହା ଅନ୍ୟ ବର୍ଗର ଲୋକମାନେ ହୁଏତ ସବୁ ସମୟରେ ସହଜରେ ଗ୍ରହଣ କରିବାନେଇ ଜଟିଳତା ଦେଖାଦେଇଥାଇପାରେ। ମାତ୍ର ସମ୍ବିଧାନ ବ୍ୟବସ୍ଥା ଆଧାରରେ ସେଥିପାଇଁ ଯାହା କରାଯାଉଛି ଏ ନେଇ ଆପତ୍ତି ଅଭିଯୋଗର ସୁଯୋଗ ଅତ୍ୟନ୍ତ ସୀମିତ। ତେବେ ନିକଟରେ ମାନ୍ୟବର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଓ ଐତିହାସିକ ରାୟ ଦେଇ ଚର୍ଚ୍ଚାର ଶିରୋନାମାରେ ରହିଛନ୍ତି। ତାଙ୍କ ରୁଲିଂ ଅନୁଯାୟୀ ପ୍ରଚଳିତ ଏସି/ଏସଟି ଆକ୍ଟ ଅନୁଯାୟୀ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରବକ୍ତ ରୁଲିଂ ସୂଚିତ କରୁଛି ଯେ ସମ୍ପୃକ୍ତ ବର୍ଗର ବ୍ୟକ୍ତିଙ୍କ ଅଭିଯୋଗକୁ ଭିତ୍ତି କରି କୌଣସି ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରିହେବନାହିଁ। ସିଡ୍ୟୁଲ୍ କାଷ୍ଟ ଏଣ୍ଡ ସିଡ୍ୟୁଲ ଟ୍ରାଇବସ୍ (ପ୍ରିଭେନ୍ସନ୍ ଅଫ୍ ଆଟ୍ରୋସିଟିଜ୍) ଆକ୍ଟ ୧୯୮୯ରେ ଯେଉଁ ପ୍ରାବଧାନ ଥିଲା ସେଥିରେ ସୁପ୍ରିମକୋର୍ଟଙ୍କ ରୁଲିଂ ଏହି ସଂଶୋଧନ ପାଇଁ ଉଦ୍ଦିଷ୍ଟ। ଏଠାରେ ସୂଚାଇ ଦିଆଯାଇପାରେକି ଅନୁସୂଚିତ ଜାତି ବା ଜନଜାତି ବର୍ଗର ଲୋକଙ୍କ ବିରୁଦ୍ଧରେ ହେଉଥିବା ନିର୍ଯ୍ୟାତନାକୁ ରୋକିବା ପାଇଁ ୧୯୮୯ ସେପ୍ଟେମ୍ବର ୯ ତାରିଖରେ ସେ ସମୟର କଂଗ୍ରେସ ସରକାର ଯାହାର ନେତୃତ୍ୱ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ନେଉଥିଲେ ସେ ଏସି/ଏସଟି ନିର୍ଯ୍ୟାତନା ଆଇନ ପ୍ରଣୟନ କରିଥିଲେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଦଳିତ ବା ଅନୁସୂଚିତ ଜାତି ଜନଜାତି ବର୍ଗର ସମସ୍ତଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ସହ ସମାଜରେ ରହିଥିବା ଛୁଆଁ ଅଛୁଆଁ ଭେଦଭାବକୁ ଦୂରେଇ ଦେବା। ଏହି ଆଇନର କଡ଼ାକଡ଼ି ଆଇନଗତ ବ୍ୟବସ୍ଥାରେ ଉଲ୍ଲେଖ ଥିଲାଯେ କୌଣସି ଦଳିତ ବର୍ଗର ବ୍ୟକ୍ତି ପୁଲିସ ପାଖରେ ନିଜର ଯେକୌଣସି ଅଭିଯୋଗ ଆଣିଲେ ତାହାକୁ ତଦନ୍ତ ବା ଯାଞ୍ଚ ନକରି ମଧ୍ୟ ଅଭିଯୋଗକୁ ତତ୍କାଳ ଗିରଫ କରାଯିବ। କେବଳ ସେତିକିନୁହେଁ ଏହି ବର୍ଗର ବ୍ୟକ୍ତିଙ୍କୁ ନେଇ କେହି ଜାତିଆଣ ଭେଦଭାବ ବା ଜାତି ସୂଚକ ଆକ୍ଷେପ ପ୍ରତ୍ୟାକ୍ଷେପ କଲେ ସେମାନେ ସାଙ୍ଗେ ସାଙ୍ଗେ ଗିରଫ ହେବେ ତେବେ ପରବର୍ତ୍ତୀ ସମୟରେ ଅର୍ଥାତ ୨୦୧୫ରେ କେନ୍ଦ୍ରର ଏନ୍‌ଡିଏ ସରକାର ଏହି ଆଇନକୁ ଅଧିକ ଗୁରୁତ୍ୱ ଓ ଶକ୍ତିଶାଳୀ କରିବାକୁ ଯାଇ ଏଥିରେ ଆଣିଥିବା ସଂଶୋଧନ ୨୦୧୬ ଜାନୁଆରୀ ୨୬ରେ ଲାଗୁ ହୋଇଥିଲା। ଏହି ଆଇନଟି ଅତ୍ୟନ୍ତ କଡ଼ା ସର୍ତ୍ତମୂଳକ ବ୍ୟବସ୍ଥା ରଖିଥିଲା। ଏହି ବର୍ଗର କୌଣସି ମହିଳାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ସ୍ପର୍ଶ କଲେ ତାହା ଯୌନ ଉତ୍ପୀଡ଼ନ ପ୍ରସଙ୍ଗ ଭାବେ ବିଚାର କରାଯିବ। କେବଳ ସେତିକିନୁହେଁ ସାମାଜିକ ସ୍ତରରେ ବାଛନ୍ଦ କରିବାକୁ ଚେଷ୍ଟା କଲେ ମଧ୍ୟ ଏହି ଆଇନର ବ୍ୟବସ୍ଥାରେ ସେମାନଙ୍କୁ ଗୁରୁତର ଦଣ୍ଡବିଧାନର ବ୍ୟବସ୍ଥା ରହିଥିଲା କିନ୍ତୁ ଅନେକ ସମୟରେ ଏହି ଆଇନର ଦୂରୁପଯୋଗ ନେଇ ଅନେକ ସମୟରେ ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି। ଏହି ଘଟଣା ବିଶେଷ ଆଲୋଡ଼ନ କରିଥିଲା ସେହିସମୟରେ ଯେତେବେଳେ ୨୦୦୯ରେ ମହାରାଷ୍ଟ୍ରର ଏକ ସରକାରୀ କଲେଜରେ ଜଣେ ଦଳିତ କର୍ମଚାରୀ ତାଙ୍କ ଉପରିସ୍ଥ ହାକିମଙ୍କ ବିରୁଦ୍ଧରେ ଆଣିଥିବା ମାମଲାର ବିଚାର ହୋଇ ବମ୍ବେ ହାଇକୋର୍ଟ ତତ୍କାଳ ଗିରଫ ଉପରେ ରୋକ ଲଗାଇଥିଲେ ଓ ଅଭିଯୁକ୍ତକୁ ଆଗୁଆ ଜାମିନ୍ ପ୍ରଦାନ କରିଥିଲେ। ତେବେ ମାର୍ଚ୍ଚ ୨୦ ତାରିଖରେ ମାନ୍ୟବର ସୁପ୍ରିମକୋର୍ଟ ଏହି ମାମଲାର ଅନୁଧ୍ୟାନ ପୂର୍ବକ ବିଚାର କରି ଏହି ଆଇନର ଦୂରୁପଯୋଗ ହେଉଥିବା ଉପଲବ୍ଧି କରିଥିଲେ। ଏବଂ ମାମଲାର ଶୁଣାଣିକରି ତତ୍କାଳ ଗିରଫ ଉପରେ ରୋକ ଲଗାଇଥିଲେ। ଏହାସହ ଏକ ସପ୍ତାହ ଭିତରେ ଏହି ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତର ଜଣେ ଡିଏସ୍‌ପି ପାହ୍ୟାର ବରିଷ୍ଠ ପୋଲିସି ଅଧିକାରୀ କରିବେ ବୋଲି ନିର୍ଦ୍ଦେଶ ଦେବା ସହ ଅଭିଯୁକ୍ତଙ୍କ ଆଗୁଆ ଜାମିନ୍‌କୁ ମଧ୍ୟ ମଞ୍ଜୁର କରାଯିବା ବୋଲି ସୂଚିତ କରିଥିଲେ। ସର୍ବଶେଷ ତଥ୍ୟ ଅନୁଯାୟୀ ମାନ୍ୟବର ସୁପ୍ରିମକୋର୍ଟ ଅନୁସୂଚିତ ଜାତି ଓ ଜନଜାତି ନିର୍ଯ୍ୟାତନା ନିବାରଣ ଆଇନର ପୂର୍ବ ସ୍ଥିତିକୁ କାଏମ ରଖିବା ପାଇଁ କେନ୍ଦ୍ର ସରକାରଙ୍କ ଆବେଦନକୁ ଗ୍ରହଣ କରିବା ସହ କିନ୍ତୁ ଏହାର ତୁରନ୍ତ ଶୁଣାଣି ପାଇଁ ମନା କରିଦେଇଛନ୍ତି। ଭାରତ ବର୍ଷର ରାଜନୈତିକ ବ୍ୟବସ୍ଥା ଯାହା ଏପରି କ୍ଷେତ୍ରରେ ନିଜ ଭୋଟ ବ୍ୟାଙ୍କକୁ ସମସ୍ତେ ସ୍ୱାର୍ଥ ଗୋଟି ଭାବେ ଖେଳିଥାନ୍ତି। ଦଳିତବର୍ଗଙ୍କ ପକ୍ଷରୁ ବ୍ୟାପକ ବିକ୍ଷୋଭ ଓ ହିଂସାକାଣ୍ଡ ପରେ କେନ୍ଦ୍ର ସରକାର ମାନ୍ୟବର ସୁପ୍ରିମକୋର୍ଟଙ୍କ ରାୟର ପୁରୁଣା ବିଚାର କରି ଏହି ଆଇନର ପୂର୍ବସ୍ଥିତି କାୟମ ରଖିବାକୁ ସୁପ୍ରିମକୋର୍ଟଙ୍କ ପାଖରେ ଆବେଦନ କରିଛନ୍ତି। କଂଗ୍ରେସ ଦଳ, ଡିଏସ୍‌ପି, ସମାଜବାଦୀ ପାର୍ଟି ଏହାକୁ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ଏକ ଦୁର୍ଭାଗ୍ୟଜନକ ପରିସ୍ଥିତିରେ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରୁଥିବାର ଖବର ପ୍ରକାଶ ପାଉଛି। ମାନ୍ୟବର ସୁପ୍ରିମକୋର୍ଟଙ୍କ ଆଗାମୀ ରୁଲିଂ କେଉଁ ଦିଗକୁ ସ୍ପଷ୍ଟ ନିର୍ଦ୍ଦେଶ କରିବ ତାହା ସେ ସମୟକୁ ଅପେକ୍ଷା।

(ସୌଜନ୍ୟ: ଯୁଧିଷ୍ଠିର ମହରଣା, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୧୬୩୫୨୮)

ଗାନ୍ଧୀ ଦର୍ଶନ ଯୁଗେ ଯୁଗେ ପ୍ରାସଙ୍ଗିକ

ଭୁବନେଶ୍ୱର (ପିଏନ୍): ଗାନ୍ଧୀ ଜଣେ ବ୍ୟକ୍ତି ନୁହଁନ୍ତି, ଏକ ବିଶ୍ୱବିଜୟୀ ବିଚାର। ଗାନ୍ଧୀଙ୍କ ଅବର୍ତ୍ତମାନରେ ସେ ଆହୁରି ଶକ୍ତିଶାଳୀ ଓ ପ୍ରାସଙ୍ଗିକ ହୋଇପଡ଼ିଛନ୍ତି ବୋଲି ଇନ୍‌ଷ୍ଟିଚ୍ୟୁଟ୍ ଅଫ ହୋଟେଲ ମ୍ୟାନେଜମେଣ୍ଟ କ୍ୟାଟରିଙ୍ଗ ଟେକ୍ନୋଲୋଜି ଆଣ୍ଡ ଆପ୍ଲାଏଡ଼୍ ନ୍ୟୁଟ୍ରିସନ ପକ୍ଷରୁ ଆୟୋଜିତ ଆଲୋଚନା ଚକ୍ରରେ ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି। ଗାନ୍ଧୀଙ୍କ ୧୫୦ତମ ପୂର୍ତ୍ତି ପାଳନ ଉପଲକ୍ଷେ ଅନୁଷ୍ଠାନର ସଭାକକ୍ଷରେ ଏକ ଗାନ୍ଧୀ କଥା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନୁଷ୍ଠାନର ଗ୍ରନ୍ଥାଗାରିକ ଅବିନାଶ ଦାସ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସମ୍ୟକ ସୂଚନା ଦେବା ସହ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ରାହୁଲ ସେହେଗଲ, ରବୀନ୍ଦ୍ର କୁମାର ରାମ, ରିଷିତା ବାନାର୍ଜୀ, ଗିରିୟସୀ ସିହ୍ନା ଏବଂ ରିଷିକାଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ଏହି ଗାନ୍ଧୀ କଥା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାମ୍ବାଦିକ, ସାହିତ୍ୟିକ ଓ ସ୍ତମ୍ଭକାର ଅମିୟ ପାଣ୍ଡବ ସାମ୍ପ୍ରତିକ ସମୟରେ ଗାନ୍ଧୀ ବିଚାରର ଆବଶ୍ୟକତା ଓ ସର୍ବକାଳୀନ ଉପାଦେୟତା ସମ୍ପର୍କରେ ବାଖ୍ୟା କରିବା ସହ ଗାନ୍ଧୀଙ୍କ ସଂଘର୍ଷମୟ ଜୀବନ ଦର୍ଶନର ବହୁବିଧ ବିଶ୍ଳେଷଣ କରିଥିଲେ। ଭିନ୍ନମତକୁ ସମ୍ମାନ ସହ ସହନଶୀଳତା ଏବଂ ଧର୍ମନିରପେକ୍ଷତା ଆମ ଦେଶର ଆତ୍ମା ବୋଲି କହିବା ସହ ଏହି ନିଷ୍ଠୁର ସତ୍ୟ ପାଇଁ ଗାନ୍ଧିଜୀଙ୍କୁ ପ୍ରାଣବଳି ଦେବାକୁ ପଡ଼ିଥିଲା ବୋଲି କହିଥିଲେ। ଅହିଂସା ଓ ଅସହଯୋଗ ପରି ଅମୋଘ ଅସ୍ତ୍ର ତଥା ସର୍ବୋଦୟ ଓ ସତ୍ୟାଗ୍ରହ ତାଙ୍କର ଶକ୍ତି ଥିଲା ଯାହା ଆଜି ମଧ୍ୟ ପ୍ରାସଙ୍ଗିକ ବୋଲି କହିବା ସହ ଗାନ୍ଧୀଙ୍କୁ ଗୁଳି କର ବା ଗାଳି କର, ଗାନ୍ଧିଜୀ ଚିରକାଳ ଅମର ବୋଲି ସେ ବିଭିନ୍ନ ଉଦାହରଣ ସହ ବର୍ଣ୍ଣନା କରିଥିଲେ। ଅନ୍ୟତମ ସମ୍ମାନିତ ବକ୍ତା ଭାବରେ ଗାନ୍ଧୀ ସ୍ମାରକୀ ନିଧିର ଓଡ଼ିଶା ମୁଖ୍ୟ ତଥା ବିଶିଷ୍ଟ ଯୁବ ସଂଗଠକ ଡ. ବିଶ୍ୱଜିତ ଗାନ୍ଧୀଙ୍କ ତ୍ୟାଗପୂତ ଜୀବନର ବହୁ ଅନାଲୋଚିତ ଦିଗଗୁଡ଼ିକର ଅବଲୋକନ କରିବା ସହ ଛାତ୍ରଛାତ୍ରୀମାନେ ଗାନ୍ଧୀଙ୍କ ବିଷୟରେ କହିବା ଓ ଜାଣିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଏଭଳି ଏକ ସୁନ୍ଦର କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଆୟୋଜକମାନଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ସଫଳତାର ସହ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ଏବଂ ଅତିଥିମାନଙ୍କୁ ଉତ୍ତରୀୟ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଥିଲା। ଅନୁଷ୍ଠାନର ଛାତ୍ର କଲ୍ୟାଣ ଅଧିକାରୀ ଯୁବରାଜ ପ୍ରସାଦ ଧନ୍ୟବାଦ ଅର୍ପଣ କରିଥିଲେ।

ମା' ଦୂର୍ଗାଙ୍କ ଶାରଦୀୟ ପୂଜା ପାଇଁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ

ଜଳେଶ୍ୱର (ପିଏନ୍): ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ମା' ଦୂର୍ଗାଙ୍କ ଶାରଦୀୟ ପୂଜା ଦେଶ ବିଦେଶରେ ପାଳିତ ହେବାକୁ ଯାଉଛି । ମା'ଙ୍କର ପୂଜା ଆରାଧନା ପାଇଁ ଏବେଠାରୁ ଭକ୍ତମାନେ ପୂର୍ବପ୍ରସ୍ତୁତି ଆରମ୍ଭ କରିଦେଲେଣି। ମଣ୍ଡପରେ ମା'ଙ୍କର ମୂର୍ତ୍ତି ତିଆରି କାର୍ଯ୍ୟ ଯେତେ ଯେତେ ଆଗେଇ ଚାଲିଛି ଲୋକମାନଙ୍କ ମଧ୍ୟରେ ଆବେଗତା ମଧ୍ୟ ସେତେ ବଢିବଢି ଚାଲିଛି। ଜନସାଧାରଣ ଶାନ୍ତି ଶୃଙ୍ଖଳାର ସହ ପାର୍ବଣ ପର୍ବ କଟାଇବା ପାଇଁ ସରକାରୀ ପ୍ରଶାସନିକ କ୍ଷେତ୍ରରେ ମଧ୍ୟ ତତ୍ପରତା ଆରମ୍ଭ ହୋଇଯାଇଛି। ଏଥିପାଇଁ ଜଳେଶ୍ୱର ନୂଆବଜାରସ୍ଥିତ ମୁରଲୀ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି ଶାନ୍ତି କମିଟି ବୈଠକ। ଜଳେଶ୍ୱର ଆଇ.ଆଇ.ସି ପ୍ରଦୀପ କୁମାର ମାଝୀଙ୍କ ଆବାହକତ୍ୱରେ ଆୟୋଜିତ ଓ ବାଲେଶ୍ୱର ଉପଜିଲ୍ଲାପାଳ ତଥା ଜଳେଶ୍ୱର ପୌର ପ୍ରଶାସକ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶାନ୍ତି କମିଟି ବୈଠକରେ ଜଳେଶ୍ୱର ଏସ.ଡି.ପି.ଓ ସୁଦର୍ଶନ ଦାସ, ତହସିଲଦାର ଅଭିମନ୍ୟୁ ପଣ୍ଡା, ବିଡିଓ ନିତ୍ୟାନନ୍ଦ ସାହୁ, ପୂର୍ତ୍ତବିଭାଗ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଇଂ ମାନସରଂଜନ ସେଠୀ, ନେସ୍କୋ ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ଇଂ ଭୁବନମୋହନ ସାହୁ, ମ୍ୟୁନିସିପାଲିଟୀର କାର୍ଯ୍ୟନିର୍ବାହୀ ଅଧିକାରୀ ହୃଷିକେଶ ପାଣି, ଅବକାରୀ ଥାନା ଅଧିକାରୀ ହରପ୍ରସାଦ ରଣା, ଜନସ୍ୱାସ୍ଥ୍ୟ ବିଭାଗର କନିଷ୍ଠ ଯନ୍ତ୍ରୀ ଇଂ ରତନ ମାଝୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ଯୋଗଦେଇଥିବା ପୂଜା କମିଟି ସଭାପତି ସଂପାଦକ ତଥା ଜଳେଶ୍ୱରର ବୁଦ୍ଧିଜୀବୀମାନଙ୍କ ମଧ୍ୟରୁ କମଳ ଚକ୍ରବର୍ତୀ, ରାଧାଶ୍ୟାମ ସାହୁ, ଅଶୋକ ଦାସ, ପତିତପାବନ ପ୍ରଧାନ, ସତ୍ୟ ସୁନ୍ଦର ଦାସ, ମଧୁସୁଦନ ଦତ୍ତ, ଗୋବିନ୍ଦ ସାହୁ, ସୁଧୀର ମହାନ୍ତି, କୁଂଜବିହାରୀ ଦାସ, ମାନସ ପାଠୀ, ଅମର ଘୋଷ, ଜଗଦୀଶ ନନ୍ଦୀ, ବିଜୟ କାମିଳା, ସମୀର ପାତ୍ର, ଭୋଳାନାଥ ଦାସ, କାଳିଚରଣ ଦାସ, ସୁନୀଲ କୁମାର ନାୟକ ପ୍ରମୁଖ ପୂଜା ସମୟରେ ଶାନ୍ତି ଶୃଙ୍ଖଳାର ସହ ପୂଜା ଅନୁଷ୍ଠିତ ହେବା ଓ ପୂଜା ମଣ୍ଡପ ଗୁଡିକରେ ଶ୍ରଦ୍ଧାଳୁମାନେ କିପରି ଭଲରେ ଦର୍ଶନ କରିପାରିବେ ତାର ସୁବ୍ୟବସ୍ଥା ବିଷୟରେ ବିଶଦ ଆଲୋଚନା କରିଥିଲେ। ଏହି ସମୟରେ ମଦଦୋକାନ ଗୁଡିକ ବନ୍ଦ ରହିବା, ପୂଜା ମଣ୍ଡପରେ ସ୍ୱଚ୍ଛତା ବଜାୟ ରହିବା, ଅଧିକ ସାଉଣ୍ଡ ଓ ଡି.ଜେ ବନ୍ଦ କରିବା, ରାସ୍ତାଘାଟର ମରାମତି କରିବା, ଉକ୍ତଦିନ ଗୁଡିକରେ ବିଦ୍ୟୁତ୍‌ର ଅଧିକ କାଟ ନ କରିବା, ପାନୀୟ ଜଳର ବ୍ୟବସ୍ଥା କରିବା, ଜଳେଶ୍ୱର ରେଳ ଫାଟକ ନିକଟ ଏବଂ ଲକ୍ଷ୍ମଣନାଥ ପୂଜାମଣ୍ଡପ, ବଡବଜାର ଛକ ପୂଜାମଣ୍ଡପ, ଷ୍ଟେସନବଜାର ପୂଜାମଣ୍ଡପ, ଛମୌଜା ପୂଜାମଣ୍ଡପ ନିକଟରେ ପୋଲିସ ଓ ଟ୍ରାଫିକର ବ୍ୟବସ୍ଥା କରିବା ଇତ୍ୟାଦିର ବିସ୍ତୃତ ଆଲୋଚନା କରାଯାଇ ଏହାର ଦାୟିତ୍ୱ ଠିକ୍ ଭାବରେ ତୁଲାଇବା ପାଇଁ ଉପଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ବିଡିଓ ନିତ୍ୟାନନ୍ଦ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଚଳିତ ବର୍ଷ ଜଳେଶ୍ୱରରେ ୧୯ଟି ଓ ପଂଚାୟତରେ ୧୬ଟି ମୋଟ ୩୫ଟି ପୂଜାମଣ୍ଡପରେ ମା'ଙ୍କର ପୂଜା ହେବାକୁ ଯାଉଛି।

ଜଳେଶ୍ୱର କୋର୍ଟ ଗୃହ ସ୍ଥାନାନ୍ତରକୁ ନେଇ ୧୨ ଘଣ୍ଟିଆ ବନ୍ଦ

ଜଳେଶ୍ୱର (ପିଏନ୍): ଜଳେଶ୍ୱରଠାରେ ଥିବା କୋର୍ଟକୁ ୬୦ନଂ ଜାତୀୟ ରାଜପଥର ଲକ୍ଷ୍ମଣନାଥ ବାଣିଜ୍ୟକର ପରିତ୍ୟକ୍ତ ଗୃହକୁ ସ୍ଥାନାନ୍ତରିତ କରିବା ବିରୁଦ୍ଧରେ ଗତ ୨୪ ତାରିଖ ମଙ୍ଗଳବାର କ୍ରିୟାନୁଷ୍ଠାନ କମିଟି ତରଫରୁ ଜଳେଶ୍ୱର ବନ୍ଦର ଡାକରା ଦିଆଯାଇଥିଲା। ତେଣୁ ସକାଳ ୬ଟାରୁ କମିଟି ତରଫରୁ ରାସ୍ତାରେ ଯାନବାହନ ଚଳାଚଳ, ପ୍ରତିଦିନ ପରିବା ବଜାର, ସ୍କୁଲ, କଲେଜ, ତହସିଲ, ବ୍ଲକ, ବ୍ୟାଙ୍କ, ପୋଷ୍ଟଅଫିସଗୁଡ଼ିକର କାର୍ଯ୍ୟ କିଛି ମାତ୍ରାରେ ପ୍ରଭାବିତ ହୋଇଥିଲା। ଅଫିସଗୁଡ଼ିକ ବାହାରୁ ବନ୍ଦ ଥିଲେ ମଧ୍ୟ ଭିତରେ କର୍ମଚାରୀମାନେ କାର୍ଯ୍ୟ କରୁଥିବାର ଦେଖା ଯାଇଥିଲା। କିଛି ବିଦ୍ୟାଳୟରେ ପରୀକ୍ଷା ଥିବାରୁ ସେମାନେ ବନ୍ଦ କରି ନ ଥିବାର ଦେଖାଯାଇଥିଲା। ପୋଲିସ ପ୍ରଶାସନ ଆଗୁଆ ପଦକ୍ଷେପ ନେଇ କିଛି ନେତୃ ସ୍ଥାନୀୟ କର୍ମୀଙ୍କୁ ଥାନାରେ ଅଟକ କରିଥିବାର ଦେଖାଯାଇଥିଲା। ଜଳେଶ୍ୱର କୋର୍ଟରେ ଅଧିକାଂଶ ଓକିଲ ଏହି ବନ୍ଦକୁ ବିରୋଧ କରି କୋର୍ଟ କାର୍ଯ୍ୟରେ ଯୋଗ ଦେଇଥିଲେ। ସେଥିପାଇଁ ଆନ୍ଦୋଳନକାରୀଙ୍କ ସହିତ କିଛି ସମୟ ଉଚ୍ଚବାଚ୍ଚ ହୋଇଥିବାର ଦେଖିବାକୁ ମିଳିଥିଲା। ମାନ୍ୟବର ଜଜ୍‌ମାନେ କୋର୍ଟକୁ ଆସିଥିଲେ। ଜଳେଶ୍ୱର ବାର୍ ସଭାପତି କୁଂଜବିହାରୀ ଦାସ କୋର୍ଟ କାର୍ଯ୍ୟ ଚାଲିଥିଲା ବୋଲି ସୂଚନା ଦେଇଥିଲେ। ସେହିପରି ବନ୍ଦର ଡାକରା ଦେଇଥିବା କ୍ରିୟାନୁଷ୍ଠାନ କମିଟି ତରଫରୁ ବନ୍ଦ ଆନ୍ଦୋଳନ ସଫଳ ହୋଇଛି ବୋଲି ସନ୍ଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଏହି ବନ୍ଦକୁ ନେଇ ଜଳେଶ୍ୱର ପୋଲିସ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପୋଲିସ ଫୋର୍ସ ମୁତୟନ କରିଥିଲେ। ଜଳେଶ୍ୱର ତହସିଲଦାର ଅଭିମନ୍ୟୁ ପଣ୍ଡା ମାଜିଷ୍ଟ୍ରେଟ ଦାୟିତ୍ୱରେ ରହି ବନ୍ଦକୁ ତଦାରଖ କରିଥିଲେ। ଜଳେଶ୍ୱର ଏସ୍.ଡି.ପି.ଓ ସୁଦର୍ଶନ ଦାସ ତଥା ଆଇ.ଆଇ.ସି ପ୍ରଦୀପ କୁମାର ମାଝୀ ବନ୍ଦ ସମୟରେ କୌଣସି ପ୍ରକାରର ଅଘଟଣକୁ ଏଡାଇବା ପାଇଁ ସୁରକ୍ଷାର ତଦାରଖ କରିଥିଲେ।

ବିଶ୍ୱ ସ୍ୱଚ୍ଛତା ଦିବସ ଅବସରରେ ସ୍କାଉଟସ୍ ଏବଂ ଗାଇଡସ୍‌ଙ୍କ ପୁରୀ ଭେଳାଭୂମିରେ ସଫେଇ କାର୍ଯ୍ୟକ୍ରମ

ଭୁବନେଶ୍ୱର (ପିଏନ୍): ଜାତୀୟ କାର୍ଯ୍ୟାଳୟର ଆହ୍ୱାନ କ୍ରମେ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ଆନୁକୂଲ୍ୟରେ ଗତ ୨୧ ତାରିଖ ଦିନ ବିଶ୍ୱ ସ୍ୱଚ୍ଛତା ଦିବସ ବିଶ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୧୯, ସେପ୍ଟେମ୍ବର ୨୭

ରାଜନୈତିକ ଚରିତ୍ରହୀନତା !

ଆମ ଦେଶରେ ନିର୍ବାଚନ ଏକ ଜରୁରୀ ଗଣତାନ୍ତ୍ରିକ ବ୍ୟବସ୍ଥା ହୋଇଥିଲେ ହେଁ ସେଥିରେ ଯେ ବିଭିନ୍ନ ପ୍ରକାରର ଭ୍ରଷ୍ଟାଚାର ରହିଛି, ତା'କୁ କେହି ଅସ୍ୱୀକାର କରିପାରିବେ ନାହିଁ। ଏହାକୁ ପରିଚାଳନା କରିବା ପାଇଁ ଯେଉଁ ନିର୍ବାଚନ ଆୟୋଗଟି ରହିଛି, ତାହା ଅନେକ କାରଣରୁ ସ୍ୱଚ୍ଛ, ଦୁର୍ନୀତିମୁକ୍ତ ନିର୍ବାଚନ କରାଇବାରେ ବିଫଳ ହେଉଛି। ଏଥିପାଇଁ ବହୁ କାରଣ ମଧ୍ୟରୁ ରାଜନୈତିକ ଚରିତ୍ରହୀନତା ସବୁଠୁ ବଡ଼ କାରଣ। ତେବେ ଧୀରେଧୀରେ ଭାରତବର୍ଷରେ ନିର୍ବାଚନ ସଂସ୍କାର ଦିଗରେ ଉତ୍ସାହ ବୃଦ୍ଧି ପାଇବା ଖୁସିର କଥା। ଏହି ପରିପ୍ରେକ୍ଷୀରେ ନିକଟଅତୀତରେ ଦୁଇଟି ପ୍ରମୁଖ ସାମ୍ବିଧାନିକ ସଂସ୍ଥା ଗୋଟିଏ ଦିନରେ ପ୍ରୟାସ ଆରମ୍ଭ କରିଥିବା ମଧ୍ୟ ଉଲ୍ଲେଖଯୋଗ୍ୟ। ନିକଟଅତୀତରେ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଉଚ୍ଚତମ ନ୍ୟାୟାଳୟ ନିର୍ବାଚନ ସଂସ୍କାର ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବିଚାର କରିବେ ବୋଲି ରାଜି ହୋଇଥିଲେ। ଗୁରୁତର ଆପରାଧିକ ମୋକଦ୍ଦମା ଚାଲିଥିବା ଲୋକଙ୍କୁ ନିର୍ବାଚନ ଲଢ଼ିବା ପାଇଁ ଅନୁମତି ଦିଆଯିବ ନା ନାହିଁ ଏବଂ ନିର୍ବାଚିତ ପ୍ରତିନିଧିଙ୍କୁ କେଉଁ ଆଧାରରେ ଅଯୋଗ୍ୟ ଘୋଷିତ କରାଯିବ ଇତ୍ୟାଦି ପ୍ରଶ୍ନର ସମାଧାନ ଖୋଜିବା ପାଇଁ ନ୍ୟାୟାଳୟ ପାଞ୍ଚଜଣ ବିଚାରପତିଙ୍କୁ ନେଇ ଏକ ସାମ୍ବିଧାନିକ ପୀଠ ଗଠନ କରିବେ। ଅନ୍ୟପକ୍ଷରେ ନିର୍ବାଚନ ଆୟୋଗ ଉଚ୍ଚତମ ନ୍ୟାୟାଳୟକୁ କହିଛନ୍ତି ଯେ ପ୍ରାର୍ଥୀମାନେ ନିଜନିଜର ଆୟର ଉତ୍ସ ଜଣାଇବା ଅନିବାର୍ଯ୍ୟ ହେବା ଉଚିତ। କେବଳ ଏତିକି ନୁହେଁ, ଆୟୋଗ ଆହୁରି ମଧ୍ୟ କହିଛି ଯେ ପ୍ରାର୍ଥୀ ନିଜ ବ୍ୟତୀତ ନିଜ ପରିବାରର ଅନ୍ୟ ସଦସ୍ୟଙ୍କ ଆୟର ଉତ୍ସ ମଧ୍ୟ ଜଣାଇବା ଆବଶ୍ୟକ। କହିବା ବାହୁଲ୍ୟ ଯେ ନିର୍ବାଚନରେ ପାରଦର୍ଶିତା ଦୃଷ୍ଟିରୁ ଆୟୋଗର ଏହି ପରାମର୍ଶ ଅତୀବ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନର ଆଇନରେ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ ସମୟରେ ନିଜର, ନିଜ ପତ୍ନୀ ବା ପତିଙ୍କର ସମ୍ପତ୍ତିର ବିବରଣୀ ଦାଖଲ ବ୍ୟବସ୍ଥା ରହିଛି, ମାତ୍ର ସେଥିରେ ଆୟର ଉତ୍ସ ବିଷୟରେ କିଛି ତଥ୍ୟ ଦେବାକୁ ପଡ଼ି ନଥାଏ। ଯଦି ଆୟର ଉତ୍ସ ସମ୍ପର୍କରେ ଜଣା ନ ପଡ଼େ, ତେବେ ଠୁଳ କରାଯାଇଥିବା ସମ୍ପତ୍ତି ସମ୍ପର୍କରେ ଜାଣିବା ମଧ୍ୟ କଠିନ; ଅର୍ଥାତ ତାହା ନୈତିକ ଉପାୟରେ ଆହରଣ କରାଯାଇଛି ନା ଅନୈତିକ ଉପାୟରେ, ତାହା ଜାଣିବା କାଠିକର ପାଠ। ବହୁ ରାଜନେତା ନିଜର ବ୍ୟବସାୟ ବାଣିଜ୍ୟ ବା ଅନ୍ୟ ସଂସ୍ଥା ନିଜ ପରିବାର ଲୋକଙ୍କ ନାଁରେ ଚଳାଇଥା'ନ୍ତି; ମାତ୍ର ଅସଲରେ ସେମାନେ ହିଁ ମାଲିକ। ଏହି କାରଣରୁ ସମଗ୍ର ପରିବାର ସଦସ୍ୟଙ୍କ ଆୟ ଓ ସମ୍ପତ୍ତିର ବିବରଣୀ ସହ ସେଗୁଡ଼ିକର ଉତ୍ସ ସମ୍ପର୍କରେ ତଥ୍ୟ ଯୋଗାଇବା ପାଇଁ ଆୟୋଗ କହିଛନ୍ତି, ଯାହା ଖୁବ୍ ଯୁକ୍ତିଯୁକ୍ତ। ଯଦି ଏହାକୁ ଆଇନାନୁମୋଦିତ କରିଦିଆଯାଏ, ତେବେ ପ୍ରାର୍ଥୀ ମନୋନୟନକୁ ନେଇ ମଧ୍ୟ ବୃହତ୍ ପରିବର୍ତ୍ତନ ଘଟିବାର ସମ୍ଭାବନା ରହିଛି; କାରଣ ରାଜନୈତିକ ଦଳଗୁଡ଼ିକ ନିଜର ପ୍ରାର୍ଥୀ ମନୋନୟନ ସମୟରେ ସଚୋଟ ଲୋକଙ୍କୁ ବାଛିବା ପାଇଁ ଚାପଗ୍ରସ୍ତ ହେବେ। ଆପରାଧିକ ପୃଷ୍ଠଭୂମି ଥିବା ଲୋକଙ୍କୁ ମଧ୍ୟ ବାହାରର ରାସ୍ତା ଦେଖାଇବାକୁ ସେମାନେ ନିରାପଦ ମଣିବେ। ସର୍ବୋଚ୍ଚ ନ୍ୟାୟାଳୟ ଦାଗୀ ନେତାମାନଙ୍କୁ ନିର୍ବାଚନ ଲଢ଼ିବାକୁ ଅନୁମତି ନ ଦେବା ନେଇ ଯେଉଁ ପ୍ରୟାସ ଆରମ୍ଭ କରିଛନ୍ତି, ତାହା ଗତ ପାଞ୍ଚଟି ରାଜ୍ୟର ବିଧାନସଭା ନିର୍ବାଚନରେ ଲାଗୁ ହୋଇପାରିନାହିଁ। ଯଦି ୨୦୧୯ ଲୋକସଭା ନିର୍ବାଚନ ପୂର୍ବରୁ ଏ ନେଇ କିଛି ଠୋସ୍ ପଦକ୍ଷେପ ନିଆଯାଇପାରିଥା'ନ୍ତା, ତେବେ ଉତ୍ତମ ହୋଇଥା'ନ୍ତା। ପ୍ରକୃତ କଥା ହେଉଛି ସମସ୍ତ ରାଜନୈତିକ ଦଳ ଆପରାଧିକ ତତ୍ତ୍ୱଙ୍କୁ ନିର୍ବାଚନ ଲଢ଼ିବାକୁ ବାରଣ କରାଯିବା ଆବଶ୍ୟକ ବୋଲି ମାନୁଥିଲେ ହେଁ ଟିକଟ ଦେବା ସମୟରେ ସେମାନେ ସେହି କଥାଟିକୁ ଭୁଲିଯାଆନ୍ତି; କାରଣ ଏଭଳି ଲୋକ ପ୍ରଚୁର ଅର୍ଥବଳ ଓ ବାହୁବଳ ଧରି ରାଜନୀତି କରିବାକୁ ଆସିଥାନ୍ତି। ଏମାନେ ଉପରକୁ ବଡ଼ବଡ଼ ନୈତିକତାର ଧ୍ୱଜା ଉଡ଼ାଉଥିଲେ ବି ସବୁ ପ୍ରକାରର ଅନୈତିକ କାର୍ଯ୍ୟ କରିବାରେ ଲାଗିଥାନ୍ତି। ରାଜନୀତିକୁ ସ୍ୱଚ୍ଛ କରିବାକୁ ହେଲେ ଏଭଳି ଲୋକଙ୍କୁ ନିର୍ବାଚନ ଲଢ଼ିବାରୁ ନିବୃତ୍ତ କରିବା ଭଳି ଆଇନ ଜରୁରୀ ହୋଇପଡ଼ିଛି। ଆଗରୁ ଦେଶସେବା ଓ ସମାଜସେବା ଚିନ୍ତା କରୁଥିବା ଲୋକେ ରାଜନୀତିକୁ ଆସୁଥିଲେ; ତେଣୁ ଏଭଳି ଆଇନର ଆବଶ୍ୟକତା ନଥିଲା; ମାତ୍ର ବର୍ତ୍ତମାନ ରାଜନୀତିରେ ନୀତି-ଚରିତ୍ରହୀନଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହି ଦୃଷ୍ଟିରୁ ଉଚ୍ଚତମ ନ୍ୟାୟାଳୟ ଓ ନିର୍ବାଚନ ଆୟୋଗଙ୍କ ପ୍ରୟାସ ସ୍ୱାଗତଯୋଗ୍ୟ।

ଆଜିର ଅନୁଚିନ୍ତା

ବୟସରେ କେବଳ ବଡ଼ ହୋଇଥିଲେ ସୁଦ୍ଧା କେହି ଗୁଣବାନ ହୋଇପାରେ ନାହିଁ।

ପରୋପକାର

କିଛି ଲୋକ ଅଛନ୍ତି, ସାହି ପଡ଼ିଶାର ଲୋକେ ବିପଦରେ ପଡ଼ିଥିଲେ ସେମାନେ ବାହାରନ୍ତି ନାହିଁ। ନିଜ ପରିବାର ବ୍ୟତୀତ ସେମାନେ ଅନ୍ୟକାହାରି ସୁଖ-ଦୁଃଖରେ ଠିଆ ହୁଅନ୍ତିନାହିଁ। ଏମାନେ ନିହାତି ସ୍ୱାର୍ଥପର ମଣିଷ। ବୁଝିବାକୁ ହେବ ସମାଜ ଗୋଟିଏ ଶରୀର ପରି। ଯେମିତି ଶରୀରର ଗୋଟିଏ ଅଙ୍ଗ ଖରାପ ହେଲେ ସାରା ଶରୀର ପୀଡ଼ା ଅନୁଭବ କରେ, ସେମିତି ପଡ଼ିଶାଘରେ କାହାର ସମସ୍ୟା ହେଲେ, ସେ ସମସ୍ୟା ମଧ୍ୟ ଆମର ସମସ୍ୟା ବୋଲି ବୁଝିବାକୁ ହେବ। ନିଜର ସାମର୍ଥ୍ୟ ଅନୁସାରେ ସାହାଯ୍ୟ ସହଯୋଗର ହାତ ବଢ଼ାଇବାକୁ ହେବ; ନ ହେଲେ ଆମର ବଞ୍ଚିବା ବୃଥା। ସଂସାରରେ ଯୋଉମାନେ ଅନ୍ୟ ପାଇଁ ବଞ୍ଚନ୍ତି, ସେମାନେ ପ୍ରକୃତ ମଣିଷ। ଯୋଉମାନେ କେବଳ ନିଜପାଇଁ ଜିଇଥାଆନ୍ତି, ସେମାନେ ପଶୁସମ। ଅନ୍ୟକୁ ସାହାଯ୍ୟ କରିବା, ଅନ୍ୟ ବିପଦରେ ମୁହଁ ଖୋଲିବା ହେଉଛି ଏକ ପାରିବାରିକ ସଂସ୍କାରର ପ୍ରଭାବ। ପିଲାବେଳୁ ଏ ସଂସ୍କାରଟି ମଣିଷ ଭିତରେ ଜମାଟ ବାନ୍ଧିଥାଏ। ଅନ୍ୟକୁ ସାହାଯ୍ୟ କରିବା ଏକ ମାନସିକତା। ଏଠି ବୟସ ବାଧକ ହୁଏନାହିଁ। ଯେ କୌଣସି ବୟସର ମଣିଷ ଅନ୍ୟକୁ ସାହାଯ୍ୟ କରିପାରିବ। ବିଶେଷ କରି ନିଜେ ବିପଦର ସମ୍ମୁଖୀନ ହୋଇ ଯିଏ ଅନ୍ୟାୟକୁ ପ୍ରତିରୋଧ କରେ, ପରମାତ୍ମା ତା' ପାଖରେ ପହଞ୍ଚନ୍ତି। ଆଉ ଯିଏ ଅନ୍ୟର ସମ୍ପତ୍ତିକୁ ଲୁଟ୍ କରେ, ପରମାତ୍ମା ତାକୁ ବିନାଶ କରନ୍ତି। ରାମାୟଣରୁ ଏହାର ଏକ ଉଦାହରଣ। ଗୋଦାବରୀ ତୀରରେ ରହୁଥିଲେ ମହାତ୍ମା ବୃଦ୍ଧ ଶାଗୁଣା- ଜଟାୟୂ। ସୀତାମାତାଙ୍କର ବିକଳ ଆର୍ତ୍ତନାଦ ଶୁଣି ଜଟାୟୁ ହଠାତ୍ ଚମକି ପଡ଼ିଲେ- 'ଆରେ! ଏ ସ୍ୱର ତ ମୋ ମାଆ ସୀତାଙ୍କର।' ପୂର୍ବରୁ ଦଶରଥଙ୍କ ସହିତ ଜଟାୟୁଙ୍କ ମିତ୍ରତା ସମ୍ବନ୍ଧ ଥିଲା। ଗଗନମାର୍ଗରେ ସୀତାଙ୍କର ବିଳାପ ଜନିତ କାରୁଣ୍ୟମୟ ପରିବେଶ କ୍ଷଣକାଳ ମଧ୍ୟରେ ଜଟାୟୁଙ୍କ ହୃଦୟକୁ ଦ୍ରବୀଭୂତ କରିଦେଲା। ସେ ପରିଷ୍କାର ଦେଖିପାରିଲେ ଅଧମ ରାକ୍ଷସରାଜ ରାବଣ ସୀତାଙ୍କୁ ରଥରେ ବସାଇ ନେଇଯାଉଛି। ବୃଦ୍ଧ ଜଟାୟୁ ଆଉ ଥୟ ଧରି ରହିପାରିଲେ ନାହିଁ। ତତ୍‌କ୍ଷଣାତ୍ ରାବଣର ମୁକାବିଲା କରିବା ପାଇଁ ଆଗେଇଆସିଲେ। ରାମାୟଣରେ ବର୍ଣ୍ଣନା ଅଛି, ସେତେବେଳକୁ ଜଟାୟୁଙ୍କ ବୟସ ଷାଠିଏ ହଜାର ବର୍ଷ। ତାଙ୍କ ସଖା ଦଶରଥ ଷାଠିଏ ହଜାର ବର୍ଷରେ ଇହଲୀଳା ତ୍ୟାଗ କରିଥିଲେ। କିନ୍ତୁ ରାବଣ ନିହାତି ଉଦ୍ଦାମ ଯୁବକ, ପରାକ୍ରମଶାଳୀ ବୀର, ଦୁର୍ଦ୍ଦାନ୍ତ, ଅସୀମ ଶକ୍ତିଧର, ପୁଣି ବ୍ରହ୍ମାଙ୍କ ବରରେ ବଳୀୟାନ। ଏହାଜାଣି ସୁଦ୍ଧା ମାତୃଜାତିର ସମ୍ମାନ ରକ୍ଷା କରିବାକୁ ବୃଦ୍ଧ ଜଟାୟୁ ଆଗେଇଯାଇ ରାବଣର ରଥକୁ ଅଟକାଇଦେଲେ। ରାବଣ ଜଟାୟୁଙ୍କ ଉପରେ ଆକ୍ରମଣ କଲା। ଜଟାୟୁ ରାବଣ ସହିତ ଘୋର ଯୁଦ୍ଧ କରି ତା'ର ରଥକୁ ଭାଙ୍ଗି ତଳକୁ ଖସାଇ ଦେଲେ। ନିଜର ବିରାଟ ଥଣ୍ଟରେ ରାକ୍ଷସକୁ ପୁନଃପୁନଃ ଆଘାତ କଲେ। ଶେଷରେ ରାବଣ ନିଜର ଚନ୍ଦ୍ରହାସ ଖଡ୍‌ଗ ବାହାର କରି ଅତି ଭୟଙ୍କର ଆକ୍ରମଣରେ ଜଟାୟୁଙ୍କ ଡେଣା କାଟିଦେଲେ। ଜଟାୟୁ ରକ୍ତାକ୍ତ ହୋଇଗଲେ।

ଆଧ୍ୟାତ୍ମିକ ଶିକ୍ଷଣ ସ୍ତମ୍ଭ
କଳ୍ପବଟ

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

ମରଣକାଳେ ଜ୍ଞାନୋଦୟ

ସୌମେନ୍ଦ୍ର ଜେନା

ଜମ୍ମୁ କାଶ୍ମୀରରୁ ଧାରା ୩୭୦ ଏବଂ ୩୫-ଏ ଉଠିବା ପରେ ଭାରତର କ୍ରିୟାରେ ପାକ୍‌ରେ ପ୍ରବଳ ପ୍ରତିକ୍ରିୟା ଦେଖାଦେଇଛି। ପାକ୍ ପ୍ରଧାନମନ୍ତ୍ରୀ ଅତି ପ୍ରତିକ୍ରିୟାଶୀଳ ହୋଇ ଭାରତ ସହ ବାଣିଜ୍ୟିକ, କୂଟନୀତିକ ସାଂସ୍କୃତିକ ସଂପର୍କ ତୁଟାଇବାକୁ ଘୋଷଣା କରିବା ପରେ ପାକ୍‌ରେ ଥିବା ଭାରତର କୂଟନୀତିକ କାର୍ଯ୍ୟାଳୟ ବନ୍ଦ ହୋଇଯାଇଛି। ଅଧିକାରୀ ଏବଂ ସେମାନଙ୍କ ପରିବାରବର୍ଗ ଭାରତକୁ ଫେରି ଆସିଛନ୍ତି। ବାଣିଜ୍ୟିକ ପଥଗୁଡ଼ିକ ବନ୍ଦ ହୋଇଯାଇଛି। ସମଝୌତା ଓ ଥର ଏକ୍ସପ୍ରେସର ଚଳାଚଳ ବାତିଲ କରାଯାଇଛି। ଲାହୋର ସହ ଭାରତର ବସ ସେବାକୁ ବନ୍ଦ କରିଦିଆଯାଇଛି। ଯାହାଫଳରେ ପାକିସ୍ତାନରେ ଟମାଟୋ କିଲୋ ତିନିଶହ ଟଙ୍କା ଏବଂ ମାଂସ କିଲୋ ଏକହଜାର ପାର କରିଗଲାଣି। ଆର୍ଥିକ ଚାପରେ ଥିବା ପାକିସ୍ତାନ ଉପରେ ଏସବୁ ବେଡି ଉପରେ କୋରଡାମାଡ ସଦୃଶ ହୋଇଛି। କିନ୍ତୁ ନିଜର ମିଛ ଅହଂକାରକୁ ପ୍ରଦର୍ଶିତ କରି ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁ ଯେଉଁ ପଦକ୍ଷେପ ନେଇଛନ୍ତି ତଦ୍ୱାରା ସେଠାକାର ଷ୍ଟକ୍ ମାର୍କେଟରେ ଲକ୍ଷ ଲକ୍ଷ କୋଟି ଟଙ୍କା ବୁଡିଯାଇଛି। ବିଦେଶୀ ପୁଞ୍ଜିନିବେଶକାରୀମାନେ ଦେଶର ଅସ୍ଥିରତାକୁ ଲକ୍ଷ୍ୟ କରି ପ୍ରତିଦିନ ଅଧିକରୁ ଅଧିକ ପୁଞ୍ଜି ହଟାଇ ନେବାରେ ବ୍ୟସ୍ତ। ତେଣେ ସନ୍ତ୍ରାସବାଦୀଙ୍କୁ ପାଣ୍ଠି ଯୋଗାଣର ଅଭିଯୋଗକୁ ସାମନା କରୁଥିବା ପାକିସ୍ତାନ ଆନ୍ତର୍ଜାତିକ ସଂସ୍ଥା ଏଫ୍‌ଏଟିଏଫ୍‌ର କଟକଣା ଭିତରେ ରହିଛି। ଯାହାଫଳରେ ପୃଥିବୀର ବଡ ବଡ ଆର୍ଥିକ ସଂସ୍ଥା କେହି ପାକିସ୍ଥାନକୁ ଅର୍ଥ ଯୋଗାଇ ଦେବାକୁ ଚାହୁଁନାହାନ୍ତି। ଅନ୍ୟପଟେ ଇସଲାମାବାଦ କର୍ତ୍ତୃପକ୍ଷ ଏହି ସମସ୍ୟାରୁ ବାହାରିବା ଲାଗି ପୂର୍ବରୁ ଆମେରିକା, ସାଉଦି ଆରବ, ଚୀନ, ତୁର୍କୀ ମାଲେସିଆ ଆଦି ଦେଶଗୁଡିକ ସହ ସଂପର୍କ ରଖି ଆର୍ଥିକ ସହାୟତା ପାଇବାକୁ ସବୁପ୍ରକାର ଉଦ୍ୟମ କରିବା ସତ୍ତ୍ୱେ ଚୀନ ଓ ସାଉଦି ଆରବଠାରୁ ଯାହା କିଛି ସହାୟତା ମିଳିବା ସମ୍ଭବପର ହୋଇଛି। କିନ୍ତୁ ସେହି ଅର୍ଥ ଋଣ ଭାରରେ ବୁଡିଥିବା ଦେଶକୁ ମୁକୁଳାଇବା ପାଇଁ ସହଜ ହେଉନାହିଁ। ପୁଣି ଭାରତ ସହ ସଂପର୍କ କ୍ଷୁର୍ଣ୍ଣ କରିବାକୁ ଉଦ୍ୟମ ହେତୁ ଆକାଶପଥ ବନ୍ଦ ହେବ। ଏଥିରୁ ପାକ୍ ପାଉଥିବା କିଛି ଅର୍ଥ ହରାଇବ। ତେଣେ ପାକ୍ ସରକାର ଉପରେ ସେନାବାହିନୀ ପକ୍ଷରୁ ଭାରତ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରିବାପାଇଁ ପ୍ରବଳ ଚାପ ପଡିଲା ପରେ ଇମ୍ରାନ ଖାଁ ଭାରତବିରୋଧୀ ଅପପ୍ରଚାର ଚଳାଇଛନ୍ତି। ସଂପ୍ରତି ପାକ୍ ପ୍ରଧାନମନ୍ତ୍ରୀ କେବଳ ଯେ ଭାରତ ବିରୋଧରେ ଅପପ୍ରଚାର ଚଳାଇଛନ୍ତି ତା' ନୁହେଁ, କେତେକ ପାକ୍ ହ୍ୟାଣ୍ଡଲର, ସାମ୍ବାଦିକ, ଗଣମାଧ୍ୟମ, ବୁଦ୍ଧିଜୀବୀମାନେ ମଧ୍ୟ ଏହି ବିଷୟକୁ କେନ୍ଦ୍ରକରି ଅନେକ ମିଥ୍ୟା ଖବର ପ୍ରସାର କରିବାରେ ବ୍ୟସ୍ତ। ଆମେରିକାର ସିଏନ୍‌ଏନ, ବ୍ରିଟେନର ବିବିସି, କାତାରର ଅଲଜଜିରା ପରି ଗଣମାଧ୍ୟମରେ କାଶ୍ମୀରୀମାନଙ୍କ ଉପରେ ଗୁଳିଚାଳନା ହେଉଥିବା ନେଇ ମନଗଢା କାହାଣୀ ସବୁ ପ୍ରସାରିତ ହେଉଛି। ଏହାଦ୍ୱାରା ପାକିସ୍ଥାନର ଅଧିକ କିଛି ଯେ ଲାଭ ହେବ ତାହା କୁହାଯାଇପାରିବ ନାହିଁ। କାଶ୍ମୀର ମାମଲାରେ ବାହାର ଦେଶର ହସ୍ତକ୍ଷେପକୁ ସବୁବେଳେ ଭାରତ ବିରୋଧ କରୁଥିବାରୁ ଏଥିରେ କେହି ମୁଣ୍ଡ ଭର୍ତ୍ତି କରି ନିଜ ପାଇଁ ଅଧିକ ସମସ୍ୟା ସୃଷ୍ଟି କରିବାକୁ ଚାହୁଁନାହାନ୍ତି। ମଧ୍ୟପ୍ରାଚ୍ୟର ଦେଶଗୁଡିକ ମଧ୍ୟ ପାକିସ୍ତାନର ନୀତିକୁ ଗ୍ରହଣ କରିପାରୁନାହାନ୍ତି। ଓଲଟା ମଧ୍ୟପ୍ରାଚ୍ୟରେ କାର୍ଯ୍ୟରତ ପାକିସ୍ଥାନୀ ଡାକ୍ତରମାନଙ୍କୁ ସେହିସବୁ ଦେଶରୁ ବହିଷ୍କୃତ କରାଯିବାପରେ ସେମାନେ ଚାକିରୀ ହରାଇଛନ୍ତି। ବିଦେଶୀ ଋଣଭାରରେ ବୁଡିଥିବା ପାକ୍ ସରକାର ଭାରତ ସହ ପ୍ରତିଯୋଗିତା କରିବା ଲାଗି ଯେପରି ଅଣ୍ଟାଭିଡି ବାହାରିଛନ୍ତି ତାହା କେବଳ ଅଂହକାରକୁ ଦର୍ଶାଉଛି ସିନା ଦୂରଦୃଷ୍ଟିକୁ ନୁହେଁ। ସାଧାରଣ ଲୋକଙ୍କ ସମସ୍ୟା, ଦେଶର ଆର୍ଥିକ ବିକାଶ, ବିଦେଶରେ ଦେଶର ସମ୍ମାନବୃଦ୍ଧି ଓ ଗ୍ରହଣଶୀଳତା ବଢାଇବା ପାଇଁ ପ୍ରୟାସ ନକରି ଏବେ ଯେପରି ଭାରତବିରୋଧୀ ନକାରାତ୍ମକ ପ୍ରଚାରରେ ସମସ୍ତେ ଲାଗିଛନ୍ତି, ତଦ୍ୱାରା ପାକ୍ ସରକାରଙ୍କର ସବୁଠୁ ଅଧିକ କ୍ଷତିସାଧନ ହେବ।

ଅତୀତରୁ ଆଜିପର୍ଯ୍ୟନ୍ତ ବିଗତ ଦିନମାନଙ୍କରେ ଦୀର୍ଘ ୪୦ବର୍ଷରୁ ଅଧିକ କାଳ ଧରି ଭାରତର କ୍ଷତିସାଧନ କରିବାକୁ ଚାହୁଁଥିବା ପାକିସ୍ଥାନ ଛାୟାଯୁଦ୍ଧ ବା ସନ୍ତ୍ରାସବାଦୀଙ୍କ ଦ୍ୱାରା ଅଘୋଷିତ ଯୁଦ୍ଧ କରିବାକୁ ଯୋଜନା କରି ଆଜିଯାଏ କାର୍ଯ୍ୟ କରିଆସିଛି। ୧୯୭୧ରେ ବଙ୍ଗଳାଦେଶ ଯୁଦ୍ଧରେ ପାକ୍‌ର ପରାଜୟ ଓ ନବେ ହଜାରରୁ ଅଧିକ ସେନା ଭାରତ ନିକଟରେ ଆତ୍ମସମର୍ପଣ କରିବା ଘଟଣାର ଲଜ୍ଜାକୁ ଦେଶବାସୀଙ୍କ ଦୃଷ୍ଟିରେ ଧୋଇବାକୁ ପ୍ରୟାସ କରୁଥିବା ସେନା, ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇ ସାହାଯ୍ୟରେ ଦୀର୍ଘକାଳୀନ ଛାୟା ଯୁଦ୍ଧ ଚଳାଇ ଭାରତର ଆର୍ଥିକ ଓ ସାମରିକ କ୍ଷତିସାଧନ ପାଇଁ ଚେଷ୍ଟା ଚଳାଇଆସିଛି। ବେନଜିରଙ୍କ ପିତା ଜୁଲଫିକର ଅଲ୍ଲି ଭୁଟ୍ଟୋଙ୍କ ସମୟରୁ ଏହି ଲଜ୍ଜାକର ଘଟଣା ପାଇଁ ଭାରତ ଉପରେ ପ୍ରତିଶୋଧ ନେବାକୁ ସ୍ଥିର କରିଥିବା ସେନାଧିକାରୀ ଓ ପରବର୍ତ୍ତୀ କାଳର ଶାସକ ଜେନେରାଲ ଜିଆ ଉଲ ହକ୍‌ଙ୍କ ସମୟରେ ଅପରେସନ୍ ଟୋପାକ ବୋଲି ଏକ ୧୨କୋଟିର ଯୋଜନା ଆରମ୍ଭ ହୋଇଥିଲା। ଯାହାର ଲକ୍ଷ୍ୟ ଥିଲା ଖାଲିସ୍ଥାନୀ ସନ୍ତ୍ରାସବାଦୀଙ୍କ ମାଧ୍ୟମରେ ପଞ୍ଜାବ ଓ ନୂଆଦିଲ୍ଲୀ ସମେତ ଅନ୍ୟାନ୍ୟ ରାଜ୍ୟମାନଙ୍କରେ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ବୃଦ୍ଧି କରିବା। ତେଣୁ ପାକ୍‌ସେନାର ପ୍ରତ୍ୟକ୍ଷ ଯୋଜନାରେ ପ୍ରଶିକ୍ଷଣ ଦିଆଗଲା। ପଞ୍ଜାବ ଓ କାଶ୍ମୀର ପ୍ରଦେଶରେ ଅସ୍ଥିରତା ସୃଷ୍ଟିକରି ହସ୍ତକ୍ଷେପ କରିବାକୁ ପାକ୍ ସେନା ଲକ୍ଷ୍ୟରଖି ଯେଉଁ ସନ୍ତ୍ରାସର କାରଖାନା ସ୍ଥାପନ କଲା ପରେ ସେଥିରୁ ତାଲିବାନ ମୁଜାହିଦ୍ଦୀନ ଏବଂ ଅନ୍ୟାନ୍ୟ ଅନେକ ସଂଗଠନ ନାମରେ ସେମାନେ ଜନ୍ମନେଲେ। ତେଣୁ ପାକିସ୍ଥାନ ଆଜିର ବିଶ୍ୱରେ ସବୁଠୁ ବଡ ସନ୍ତ୍ରାସୀ ଯୋଗାଣକାରୀ ରାଷ୍ଟ୍ରର କୁଖ୍ୟାତି ଅର୍ଜନ କରିଛି। ବିଗତ ୪୦ବର୍ଷରେ ଜିହାଦ ବା ଧର୍ମଯୁଦ୍ଧ ନାମରେ ବିଶ୍ୱରେ ଇସ୍‌ଲାମିକ ଶାସନ ପ୍ରତିଷ୍ଠା ପାଇଁ ପାକ୍‌ର ସମର୍ଥନ ଓ ନୀତି ପ୍ରସ୍ତୁତି ଯୋଗୁ ଏବେ ପାକ୍ କେବଳ ଦେଶ ବିଦେଶରେ ଯେ ନିନ୍ଦିତ ହେଉଛି ତା' ନୁହେଁ ବରଂ ନିଜର କୃତକର୍ମର ଫଳ ମହାଭାରତର ଦୁର୍ଯୋଧନ ଭୋଗ କଲାପରି ସନ୍ତ୍ରାସର ଧ୍ୱଂସକାରୀ ହଳାହଳ ପାକକୁ ଗ୍ରାସ କରିବାକୁ ବସିଛି, ଯାହା ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁ ଏବେ ସ୍ୱୀକାର କରିଛନ୍ତି। ଏହି ସନ୍ତ୍ରାସବାଦପ୍ରୀତି ନୀତି ଯୋଗୁ ପାକ୍‌ରେ କୃଷି, ଉତ୍ପାଦନ, ଶିକ୍ଷା, ବାଣିଜ୍ୟ ଆଦି ସବୁ କ୍ଷେତ୍ରରେ ଅବନତି ଦେଖାଦେଇଛି। ଏକ ଡଲାର ଏବେ ପାକ୍‌ରେ ୧୬୦ଟଙ୍କା ହେଲାଣି। ଇମ୍ରାନ ଖାଁ ଦେଶର ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ଯେପରି ସବୁକିଛି ବଦଳାଇ ଦେବେ ବୋଲି କହି ଆସୁଥିଲେ ଏବେ ତାହା କହୁନାହାନ୍ତି। କିନ୍ତୁ ଆମେରିକାରେ କ୍ୟାପିଟାଲ ହିଲ କାର୍ଯ୍ୟକ୍ରମରେ ଯୋ

ନାଲ୍‌କୋର ନୂଆ ଉତ୍ପାଦ ଆଲୁମିନିୟମ୍ ଆଲୟ ଏଏ-୧୨୦୦

ଭୁବନେଶ୍ୱର,(ପିଏନ) : ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପ କ୍ରମେ ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ପକ୍ଷରୁ ଆଲୁମିନିୟମ୍ ଆଲୟ ୧୨୦୦ (ଏଏ ୧୨୦୦)ର ବଜାର ପ୍ରବେଶ କରାଯାଇଛି। ଏଥର ସହ କମ୍ପାନୀର ଉତ୍ପାଦଶୃଙ୍ଖଳାରେ ଆଉ ଏକ ଆନୁଷଙ୍ଗିକ ଉତ୍ପାଦ ଅନ୍ତର୍ଭୁକ୍ତ ହୋଇଛି। ଏଲ୍‌ଇଡି ଲ୍ୟାମ୍ପ୍ କ୍ୟାପ୍ ପ୍ରସ୍ତୁତିରେ ଏହାର ବ୍ୟାପକ ବ୍ୟବହାର କରାଯାଇଥାଏ।

ଏହି ଅବସରରେ ନାଲ୍‌କୋର ଅଧ୍ୟକ୍ଷ ଡଃ ତପନ କୁମାର ଚାନ୍ଦ କହିଲେ ଯେ ନୂତନ ଉତ୍ପାଦର ଉତ୍ପାଦନ ଓ ବଜାରପ୍ରବେଶ ସହ ନାଲ୍‌କୋ ବିବିଧିକରଣ ଏବଂ ସଂପ୍ରସାରଣ ଦିଗରେ ପଦକ୍ଷେପ ଗ୍ରହଣ କରିଆସିଛି। ଆଜିର ପ୍ରତିଦ୍ୱନ୍ଦିତାମୂଳକ ପରିବେଶରେ ଏହି ନୂତନ ଉତ୍ପାଦ ଏଏ ୧୨୦୦ ନୂତନ ବଜାରର ବିକାଶ ତଥା କମ୍ପାନୀର ଆର୍ଥିକ ଲାଭରେ ସହାୟକ ହେବ। ନୂତନ ଉତ୍ପାଦର ବିକାଶ ସହ ଅନଗୁଳର ସ୍ମେଲ୍ଟର୍ ଟିମ୍ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ନାଲ୍‌କୋର ମର୍ଯ୍ୟାଦା ବୃଦ୍ଧି ପାଇଁ ନିରବଚ୍ଛିନ୍ନ ଉଦ୍ୟମ ଜାରୀ ରଖିଛନ୍ତି ବୋଲି ଡଃ ଚାନ୍ଦ କହିଥିଲେ।

ସ୍ମେଲ୍ଟର୍ ପ୍ଲାଣ୍ଟର ଅଗଷ୍ଟ ୨୦୧୯ ଠାରୁ ଏହି ଭବିଷ୍ୟଧର୍ମୀ ଆଲୟର ବ୍ୟାବସାୟିକ ଉତ୍ପାଦନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ଆଲୟ୍ ଏଏ ୧୧୦୦ ଭଳି। ବ୍ୟାବସାୟିକ ଆଲୁମିନିୟମ୍ ଆଲୟ ଗ୍ରେଡ୍ ୧୨୦୦ ଦୀର୍ଘସ୍ଥାୟୀ ହେବା ସହ ଏହାର ତାପଜ ପରିବହନ ଓ ପ୍ରତିଫଳନ କ୍ଷମତା ଅତ୍ୟଧିକ। ଏହି ଅଲୟରେ ଆଲୁମିନିୟମ୍‌ର ସର୍ବନିମ୍ନ ଆବଶ୍ୟକତା ୯୯ ପ୍ରତିଶତ ହୋଇଥିଲେ ମଧ୍ୟ ଏହା ଏକ ଭକ୍ଟୁଭ-ଷରବପ୍ପ ଶ୍ପଵରବପ୍ପବଭକ୍ଷର ତଥା ବ୍ୟାବସାୟିକ ଭାବେ ବିଶୁଦ୍ଧ ଆଲୁମିନିୟମ୍ ଭାବେ ପରିଗଣିତ। ଆଲୟ୍ ଏଏ ୧୨୦୦ର ବ୍ୟାବସାୟିକ ଉତ୍ପାଦନ ସହ କପର୍‌ର ବ୍ୟବାହର ହ୍ରାସ ହୋଇପାରିବ, ଯାହା କି ଅଧିକ ବ୍ୟୟସାପେକ୍ଷ ହୋଇଥାଏ। ଏହି ଉତ୍ପାଦ ପାଇଁ ନାଲ୍‌କୋ ପୂର୍ବରୁ ବଜାରର ବିକାଶ କରିସାରିଛି ଏବଂ ନିକଟ ଭବିଷ୍ୟତରେ ଏହି ଉତ୍ପାଦକୁ ବ୍ରାଣ୍ଡିଂ ମଧ୍ୟ କରିବ।

୨୪ ସେପ୍ଟେମ୍ବର୍‌ରେ ଅନଗୁଳ ସ୍ଥିତ ସ୍ମେଲ୍ଟର୍‌ର ରୋଲିଂ ପ୍ଲାଣ୍ଟ୍‌ରେ ଏହି ଉତ୍ପାଦର ପ୍ରଥମ କନ୍‌ସାଇନ୍‌ମେଣ୍ଟ୍‌ର ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ, ନାଲ୍‌କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏସ୍ ଆଣ୍ଡ୍ ପି) ଶ୍ରୀ ଏମ୍.ପି. ମିଶ୍ର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ) ଶ୍ରୀ ଏସ୍. ସାମନ୍ତରାୟ, ବରିଷ୍ଠ ଅଧିକାରୀବୃନ୍ଦ ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଭୁବନେଶ୍ୱର ପାଇଁ ଲୋ କାର୍ବନ ମୋବିଲିଟି ପ୍ଲାନ ଘୋଷଣା

ଭୁବନେଶ୍ୱର: ବର୍ତ୍ତମାନ ଭୁବନେଶ୍ୱରରେ ଦୀର୍ଘସ୍ଥାୟୀ ପରିବହନ ବ୍ୟବସ୍ଥା ଆଣିବା ପାଇଁ ଏକ ଦୀର୍ଘମିଆଦୀ ରଣନୀତିର ଅଭାବ ରହିଛି। ଏହି ଆହ୍ୱାନକୁ ଗ୍ରହଣ କରିବା ପାଇଁ ଜିଆଇଜେଡ୍ ଜିଏମ୍‌ବିଏଚ୍ ସହାୟତାରେ ଗୃହ ଓ ସହରାଞ୍ଚଳ ଉନ୍ନୟନ ବିଭାଗ (ଏଚୟୁଡିଡି), ଓଡ଼ିଶା ସରକାର ଏବଂ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ଙ୍କ ପକ୍ଷରୁ ଲୋ କାର୍ବନ ମୋବିଲିଟି ପ୍ଲାନ (ଏଲ୍‌ସିଏମ୍‌ପି) ସୃଷ୍ଟି କରାଯାଇଛି, ଯାହା ଭୁବନେଶ୍ୱର ନିମନ୍ତେ ଏକ କୌଶଳଭିତିକ ଦୃଷ୍ଟି ଦସ୍ତାବିଜ ଓ ଗତିଶୀଳ ବ୍ଲୁ ପ୍ରିଂଟ୍‌ଣ୍ଟ ହେବ ଏବଂ ଏହା ସହରାଚଂଳ ପରିବହନ କ୍ଷେତ୍ରକୁ ବିକଶିତ, ଉନ୍ନତ କରିବା ସହିତ ଏହାକୁ ଯାଂଚ କରିବ। ଦ୍ରୁତ ଭାବରେ ବୃଦ୍ଧି ପାଉଥିବା ଜନସଂଖ୍ୟା, ପରିବହନ ଓ ଯାନବାହନ ନିମନ୍ତେ ପ୍ରତ୍ୟେକ ସହରରେ ଲୋ କାର୍ବନ ମୋବିଲିଟି ପ୍ଲାନ ଯୋଜନା ରହିବା ନିହାତି ଜରୁରୀ। ଏଲ୍‌ସିଏମ୍‌ପି ବିକାଶ ପଦକ୍ଷେପ ମଧ୍ୟ ଭାରତର ଗୃହ ଓ ସହରାଞ୍ଚଳ ଉନ୍ନୟନ ମନ୍ତ୍ରଣାଳୟ (ଗକ୍ଟଐଟଇ)ଙ୍କ ସୁପାରିଶ୍ କ୍ରମେ କରାଯାଇଛି, ଯାହାଦ୍ୱାରା ସହର ଏକ ସୃଜନଶୀଳ ଗମନାଗମନ ଯୋଜନା ପ୍ରସ୍ତୁତ କରିପାରିବ ଏବଂ ସହର ମଧ୍ୟରେ ପରିବହନ ସଂକ୍ରାନ୍ତିୟ ପ୍ରକଳ୍ପ, ଯୋଜନା ଓ ନିୟାମକଗୁଡ଼ିକୁ ଚିହ୍ନଟ ଓ ଅନୁମୋଦନ କରାଯାଇପାରିବ। ଏଲସିଏମପି ପ୍ରସ୍ତୁତି (ଝଗଇଜଞ-ଝଟଞ) ସମନ୍ୱିତ ସ୍ଥାୟୀ ପରିବହନ ବ୍ୟବସ୍ଥା ସହଯୋଗରେ କରାଯାଇଛି। ଯାହାକୁ ଜିଆଇଜେଡ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ବିଡିଏ ମିଳିସତ ସହଯୋଗରେ ଏବଂ ଇଣ୍ଡୋ-ଜର୍ମାନ ସହଭାଗିତାରେ କରାଯାଇଛି। ଏଲ୍‌ସିଏମ୍‌ପି ପ୍ରାଥମିକ ଭାବେ ଭୁବନେଶ୍ୱରରେ ଲୋକ ଓ ମାଲ ପରିବହନ ଉପରେ ଦୃଷ୍ଟି ପ୍ରଦାନ କରୁଛି। ଏହା ସୁରକ୍ଷା, ବିଶ୍ୱାସଯୋଗ୍ୟତା, ବ୍ୟୟସାପେକ୍ଷତା ଓ ପ୍ରଭାବଶୀଳତା ପ୍ରଦାନ କରିବା ସହିତ ସହରର ଆର୍ଥିକ, ସାମାଜିକ ଓ ପାରିପାର୍ଶ୍ୱିକ ସ୍ଥାୟୀତ୍ୱକୁ ବଜାୟ ରଖୁଛି। ଏହି ଯୋଜନା ଗୁଡ଼ିକ ମୁଖ୍ୟତଃ କେତେକ ନିର୍ଦ୍ଦିଷ୍ଟ ବିଷୟ ଉପରେ ଦୃଷ୍ଟି କେନ୍ଦ୍ରିତ କରୁଛି ଯେପରିକି, ଭୁବନେଶ୍ୱରରେ ଲୋକ ଓ ମାଲ ପରିବହନ କ୍ଷେତ୍ରରେ ବିକାଶ ଆଣିବା, ଏକାଧିକ ପରିବହନ ସେବା ସ୍ତରର କାର୍ଯ୍ୟଦକ୍ଷତାକୁ ମାପିବା ଓ ଯାଞ୍ଚ କରିବା, ଲୋକମାନଙ୍କ ପରିବହନ, ସାଇକେଲ୍ ଚାଳନା, ପଥଚାରୀ ଓ ଏକାଠି ଗତିଶୀଳତା ବିକଳ୍ପକୁ ବିକଶିତ କରିବା, ଜମି ବ୍ୟବହାର ଓ ପରିବହନ ଯୋଜନାର ମିଶ୍ରଣ ପାଇଁ ଏକ ପ୍ରଭାବଶାଳୀ ପ୍ଲାଟଫର୍ମ ପ୍ରଦାନ କରିବା ଏବଂ ସୁଗମନତା, ସାମଗ୍ରିକ ଏବଂ ସୁରକ୍ଷା ଉପରେ ଅଗ୍ରାଧିକାର ଦେବା ସହିତ ପରିବେଶ ଉପରେ କ୍ଷତିକାରକ ପ୍ରଭାବଗୁଡ଼ିକୁ କମ୍ କରୁଛି।

ଏହି ଯୋଜନା ଏକ ୨୦ ବର୍ଷର ଦୃଷ୍ଟି ପ୍ରଦାନ କରୁଛି, ଯାହାର ସଫଳତା ଓ ଲକ୍ଷ୍ୟ ୨୦୧୯ରୁ ୨୦୪୦ ପର୍ଯ୍ୟନ୍ତ ପ୍ରତି ପାଞ୍ଚ ବର୍ଷରେ ଅପ୍‌ଡେଟ୍ ହେବ। ଏଗୁଡ଼ିକ ଭୁବନେଶ୍ୱରର ସ୍ମାର୍ଟସିଟି ମିଶନ୍ ଅଧିନସ୍ଥ କାର୍ଯ୍ୟକ୍ରମ ଅନ୍ତର୍ଗତ ରହିବ ଏବଂ ଏହା ନାଗରିକ ଓ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ଦ୍ୱାରା ସମର୍ଥିତ ଅଟେ, ଯାହା ଭୁବନେଶ୍ୱରକୁ ଏକ ପରିବହନ-ଅଭିମୁଖୀ, ବାସନୀୟ, ଶିଶୁଙ୍କୁ ସୁହାଇଲା ଭଳି ସ୍ୱାସ୍ଥ୍ୟବାନ-ସହର ଓ ଆଞ୍ଚଳିକ ଅର୍ଥନୈତିକ କେନ୍ଦ୍ରରେ ପରିଣତ କରିବ।

ଯୋଜନା ଗୁଡ଼ିକୁ ଏକତ୍ରୀକରଣରେ ସହାୟକ ହେବା ପାଇଁ ଅନେକ ମୁଖ୍ୟ କାର୍ଯ୍ୟାଳୟ ଯେମିତିକି ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ(ବିଏମସି), ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ(ବିଏସସିଏଲ), କ୍ୟାପିଟାଲ ରିଜନ ଅର୍ବାନ ଟ୍ରାନ୍ସପୋର୍ଟ(ସିଆରୟୁଟି), ଭୁବନେଶ୍ୱର ଅର୍ବାନ ନଲେଜ ସେଂଟର (ବିୟୁକେସି) ଏବଂ ପବ୍ଲିକ ୱାର୍କ ଡିପାର୍ଟମେଣ୍ଟ(ପିଡବ୍ଲୁଡି)ରୁ ପ୍ରତିନିଧିମାନଙ୍କୁ ନେଇ ଏକ କାର୍ଯ୍ୟକାରୀ ସମିତି ଗଠନ କରାଯାଇଛି। ଅତିରିକ୍ତ ଭାବେ ନାଗରିକ ସମାଜ, ଶିକ୍ଷାଗତ ଅନୁଷ୍ଠାନ ଏବଂ ଅନ୍ୟାନ୍ୟ ସରକାରୀ ସଂସ୍ଥା ମାନଙ୍କର ମତାମତ ପାଇଁ ଅନ୍ତିମ ଏଲସିଏମପି ଡ୍ରାଫ୍ଟକୁ ମଲଟି-ଷ୍ଟେକହୋଲ୍ଡର ମୋବିଲିଟି ପ୍ଲାନ କୋର୍ଡିନେସନ କମିଟି (ଗଚଉଉ) ସମ୍ମୁଖରେ ଉପସ୍ଥାପନା କରାଯିବ, ଯାହାର ସଭାପତିତ୍ୱ ବିଡିଏ ଦ୍ୱାରା ହେବ। ବିଡିଏକୁ ହସ୍ତାନ୍ତର କରିବା ପୂର୍ବରୁ ଏହି ସଂସ୍ଥା ଗୁଡ଼ିକର ମତାମତ ଏବଂ ଉପଦେଶ, ନିର୍ଦ୍ଦିଷ୍ଟ ଦଳଗତ ଆଲୋଚନା ମାଧ୍ୟମରେ ସାଧାରଣ ଲୋକଙ୍କ ଯୋଗଦାନ ଏବଂ ଆସନ୍ତା କିଛି ବର୍ଷ ପରେ ସହରରେ ସର୍ବେକ୍ଷଣ ଗୁଡ଼ିକୁ ଏହି ଅନ୍ତିମ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ।

ସମ୍ମିଳିତ ନିଯୁକ୍ତି ଅଭିଯାନର ଶୁଭାରମ୍ଭ

ଭୁବନେଶ୍ୱର(ପିଏନ): ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ଅଧିନିୟମ ୨୦୧୬ ଅନୁସାରେ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଗୁଡିକରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ଚାକିରୀର ସୁଯୋଗ ସୃଷ୍ଟି କରାଯିବାର ବ୍ୟବସ୍ଥା ରହିଛି। କିନ୍ତୁ ଅଧିକାଂଶ ବେସରକାରୀ ଅନୁଷ୍ଠାନ ଏହା ବିଷୟରେ ଅବଗତ ନଥିବାରୁ ଭିନ୍ନକ୍ଷମମାନେ ଚାକିରୀ ପାଇବାରୁ ବଚିଂତ ହେଉଛନ୍ତି। ତେଣୁ ସାଇଟସେଭର୍ସ ତରଫରୁ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ବେସରକାରୀ ସ୍ତରରେ ରୋଜଗାର ସୃଷ୍ଟି କରିବା ଦିଗରେ ଏକ ଅଭିନବ ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନ ମାଧ୍ୟମରେ ଭୁବନେଶ୍ୱରର କିଛି ପ୍ରମୁଖ କର୍ପୋରେଟ୍ କମ୍ପାନୀର ଅଧିକାରୀମାନଙ୍କୁ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ଅଧିନିୟମ ୨୦୧୬ ବିଷୟରେ ସୂଚନା ଦେବା ସହ ସବୁ କମ୍ପାନୀରେ କେତେ ଭିନ୍ନକ୍ଷମ ବ୍ୟକ୍ତି ନିଯୁକ୍ତି ସୁଯୋଗର ସୁବିଧା ପାଇପାରିବେ ସେ ବିଷୟରେ ମଧ୍ୟ ବିଚାର ବିମର୍ଷ କରାଯିବ। ଉକ୍ତ ଅଭିଯାନକୁ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ସୁଲୋଚନା ଦାସ ଆନୁଷ୍ଠାନିକ ଭାବେ ୨୧ ସେପ୍ଟେମ୍ବର ୨୦୧୯ରେ ସ୍ଥାନୀୟ ହୋଟେଲଠାରେ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶକା ବ୍ରତତୀ ହରିଚନ୍ଦନ, ସରକାରୀ ଏବଂ ବେସରକାରୀ ସଂସ୍ଥାର ଅଧିକାରୀ ମାନେ ଯୋଗ ଦେଇଥିଲେ। ସାଇଟସେଭର୍ସର ରାଜ୍ୟ କାର୍ଯ୍ୟକାରୀ ପ୍ରବନ୍ଧକ ଆକବର ମେହଫୁଜ ଆଲାମ ଅଭିଯାନର ଉଦ୍ଦେଶ୍ୟ ବିଷୟରେ ପ୍ରତିଭାଗୀମାନଙ୍କୁ ସୂଚନା ଦେଇଥିଲେ। ଏଥିରେ ୧୦୦ରୁ ଅଧିକ କର୍ପୋରେଟ୍ କମ୍ପାନୀର ଅଧିକାରୀ, ଭିନ୍ନକ୍ଷମ ବ୍ୟକ୍ତି ତଥା ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପରାମର୍ଶଦାତା ଶ୍ରୀମତୀ ଲୋକପ୍ରିୟା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଏବଂ ପରିବେଷଣରେ ସାଇଟସେଭର୍ସର ପ୍ରକଳ୍ପ ଅଧିକାରୀ ଜଗନ୍ନାଥ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଆଲାଇଭ୍ ଆଣ୍ଡ୍ ଥ୍ରାଇଭ୍ ଓ ଟିକ୍‌ଟକ୍ ପକ୍ଷରୁ ଭାରତରେ ଅପପୁଷ୍ଟି ସଂପର୍କରେ ସଚେତନତା ବୃଦ୍ଧି କରିବା ପାଇଁ ଇନ୍-ଆପ୍ କୁଇଜ୍‌ର ଶୁଭାରମ୍ଭ

ଭୁବନେଶ୍ୱର: ମାତୃ ଓ ଶିଶୁଙ୍କ ପାଇଁ ଏକ ବିଶ୍ୱ ସ୍ତରୀୟ ପୋଷଣ ଅଭିଯାନ ଆଲାଇଭ୍ ଆଣ୍ଡ୍ ଥ୍ରାଇଭ୍ ପକ୍ଷରୁ ବିଶ୍ୱର ଅଗ୍ରଣୀ କ୍ଷୁଦ୍ର ଭିଡିଓ ପ୍ଲାଟଫର୍ମ ଟିକ୍‌ଟକ୍ ସହଯୋଗରେ ଭାରତ ସରକାରଙ୍କ ଅଭିଯାନ ରାଷ୍ଟ୍ରୀୟ ପୋଷନ୍ ମାହକୁ (ଜାତୀୟ ପୋଷଣ ମାସ) ସମର୍ଥନ କରିବା ଏବଂ ଏହା ବିଷୟରେ ସଚେତନତା ସୃଷ୍ଟି କରିବା ଲାଗି ଏକ ଇନ୍-ଆପ୍ କୁଇଜ୍‌ର ଶୁଭାରମ୍ଭ କରାଯାଇଛି।vଘର୍‌ଘର୍‌ପୋଷନ୍ ଅଭିଯାନର ଲକ୍ଷ୍ୟ ହେଉଛି ପ୍ରତିଦିନର ଜୀବନରେ ବିଶେଷ କରି ଭାରତର ମହିଳା ଓ ଶିଶୁଙ୍କ ପାଇଁ ପୋଷଣର ଗୁରୁତ୍ୱ ବିଷୟରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା। ଏହା ଟିକ୍‌ଟକ୍ ବ୍ୟବହାରକାରୀମାନଙ୍କୁ କିଛି ସରଳ ପ୍ରଶ୍ନାବଳୀର ଉତର ଦେଇ ସେମାନଙ୍କ ପୋଷଣ ଜ୍ଞାନକୁ ଅନୁଧ୍ୟାନ କରିବା ସହିତ ସେମାନଙ୍କୁ ମୌଳିକ ପୋଷଣ ତଥ୍ୟ ବିଷୟରେ ଶିକ୍ଷା ଦେଉଛି।ଚଳିତ ମାସ ଶୁଭାରମ୍ଭ ହୋଇଥିବା vଘର୍‌ଘର୍‌ପୋଷନ୍ ଅଭିଯାନ ଆପ୍‌ରେ ୫୬୬.୯ ନିୟୁତ ଭିଉ ହାସଲ କରିଛି। ଏହି ଅଭିଯାନରେ ଭିଡିଓ ତିଆରି ଏବଂ ସେୟାର କରାଯାଉଛି ଯାହା ସନ୍ତୁଳିତ ପୁଷ୍ଟିର ଗୁରୁତ୍ୱ ବଢ଼ାଇବ ଏବଂ ସାଧାରଣ ପୋଷଣ ଟିପସ୍ ସେୟାର କରାଯାଇଛି ଯଦ୍ୱାରା ଜଣେ ନିଜର ଦେନନ୍ଦିନ ଜୀବନରେ ତାହାକୁ ବ୍ୟବହାର କରିପାରିବ

ବିଗ୍ ବଜାର 'ପବ୍ଲିକ୍ ହଲିଡେ ସେଲ୍' ଆସନ୍ତା ୨୮ରୁ

ଭୁବନେଶ୍ୱର: ଫ୍ୟୁଚର ଗ୍ରୁପର ଅଗ୍ରଣୀ ମାର୍କେଟ, ବିଗ୍ ବଜାର, ପକ୍ଷରୁ ଚଳିତ ବର୍ଷ ସେପ୍ଟେମ୍ବର ୨୮ରୁ ଅକ୍ଟୋବର ୨ତାରିଖ ପର୍ଯ୍ୟନ୍ତ ସମସ୍ତ ବିଗ୍ ବଜାର ଷ୍ଟୋରମାନଙ୍କରେ 'ପବ୍ଲିକ୍ ହଲିଡେ ସେଲ୍'ର ଘୋଷଣା କରାଯାଇଛି। ୫ ଦିନର ଏହି ସେଲ୍ ସପିଙ୍ଗକୁ ଏକ ଆନନ୍ଦ ଦାୟକ ଅନୁଭୁତିରେ ପରିଣତ କରିବ। ଏହି ଅବସରରେ ଟ.୪୦୦୦ ରୁ ଅଧିକ ସପିଙ୍ଗ ଉପରେ ଗ୍ରାହକମାନେ ସେମାନଙ୍କ ଫ୍ୟୁଚର ପେ ୱାଲେଟରେ ଟ.୮୦୦ର କ୍ୟାସବ୍ୟାକ ପାଇ ପାରିବେ । ସେହିଭଳି ଗ୍ରାହକମାନେ ସେମାନଙ୍କ ଏଚଡିଏଫସି ଡେବିଟ କିମ୍ବା କ୍ରେଡିଟ କାର୍ଡରେ ୫%ର ଅତିରିକ୍ତ ରିହାତି ପାଉଥିବା ବେଳେ ପେଟିଏମର ବ୍ୟବହାର କରି ୮% ରିହାତି ପାଇ ପାରିବେ । ଏହି ସେଲ୍ ଗ୍ରାହକଙ୍କ ନିମନ୍ତେ ଗ୍ରୋସରି, ଗୃହୋପକରଣ, ବସ୍ତ୍ର, ଇଲେକ୍ଟ୍ରୋନିକ୍ ଏବଂ ଲଗେଜ ଆଦି ଉପରେ ଆକର୍ଷଣୀୟ ଅଫର୍ ପ୍ରଦାନ କରୁଛି। ଏହା ବ୍ୟତୀତ ଏହାର ପ୍ରମୁଖ ଅଫର୍ ଯେମିତିକି କୋରିଓ ୪୩ ଫୁଲ ଏଚଡି ଏଲଇଡି ଟିଭି ମାତ୍ର ଟ. ୧୫,୯୯୦/-ରେ ଉପଲବ୍ଧ ହେଉଥିବା ବେଳେ ସେଲୋ, ଲାର୍‌ହା, ଓପାଲୱେଅର ଡିନର ସେଟ ଏବଂ ଆହୁରୀ ଅନେକ ସାମଗ୍ରୀ ଉପରେ ୬୦% ପର୍ଯ୍ୟନ୍ତ ରିହାତି ରହିଛି । ସେହିଭଳି ଆରିଷ୍ଟୋକ୍ରାଟ, ସଫାରୀ ଏବଂ କାମିଲିୟାଣ୍ଡ ସେଟରେ ୩ଟି ଲଗେଜ ବ୍ୟାଗର ମୂଲ୍ୟ ମାତ୍ର ଟ.୫,୯୯୯/- (୨ଟି ଟ୍ରଲି+ଡଫଲ ଟ୍ରଲି) ରହିଥିବା ବେଳେ, ଏକ ଲିଟର ଫ୍ରେସ ଏବଂ ପିୟୋର ଘିଅର ମୂଲ୍ୟ ମାତ୍ର ଟ.୩୧୫/- ରହିଛି । ଏହି ଅବସରରେ ବିଗ୍ ବଜାରର ସିଇଓ ସଦାଶିବ ନାୟକ କହିଛନ୍ତି ଯେ, "ପ୍ରତିବର୍ଷ ଭଳି ଏହି ବର୍ଷ ମଧ୍ୟ ପବ୍ଲିକ୍ ହଲିଡେ ସେଲ୍ ନେଇ ଆସି ଆମେ ଖୁବ୍ ଆନନ୍ଦିତ। ଏହି ବର୍ଷ ଆମେ ଆମ ଅଫର୍ ଗୁଡ଼ିକୁ ଆହୁରୀ ଆକର୍ଷଣୀୟ ରୂପେ ନେଇ ଆସିଛୁ। ବିଗ ବଜାରର ଏହି ୫ଦିନିଆ ସେଲରୁ ସପିଙ୍ଗ କରି ଗ୍ରାହକ ମାନେ ସେମାନଙ୍କର ପାର୍ବଣ ପ୍ରସ୍ତୁତି ଆରମ୍ଭ କରିବା ନିମନ୍ତେ ଆମେ ସ୍ୱାଗତ ଜଣାଉଛୁ।" ଘରେ ଥାଇ ମଧ୍ୟ ଗ୍ରାହକ ମାନେ https://www.newsfeedsmartapp.com/BigBazaar/publicHolidaySale19/ ରେ 'ପବ୍ଲିକ ହଲିଡେ ସେଲ' ଗେମ ଖେଳି ଏକ୍ସଟ୍ରା ସପିଙ୍ଗ କୁପନ ଜିତି ପାରିବେ। ତେଣୁ ଏହି ପବ୍ଲିକ ହଲିଡେ ସେଲ୍‌ରେ ଆପଣଙ୍କ ନୀକଟସ୍ଥ ବିଗ୍ ବଜାର ଷ୍ଟୋର କୁ ଯାଇ ଆକର୍ଷଣୀୟ ରିହାତି ଏବଂ ଦମଦାର ଅଫରର ମଜା ନେବା ପାଇଁ ପ୍ରସ୍ତୁତ ହୋଇ ଯାଆନ୍ତୁ।

ପ୍ରଦେଶ ମହିଳା କଂଗ୍ରେସ କମିଟିର ସାଂଗଠନିକ ବୈଠକ

ଭୁବନେଶ୍ୱର (ପିଏନ)- ଆଜି ଓଡିଶା ପ୍ରଦେଶ ମହିଳା କଂଗ୍ରେସ କମିଟିର ଏକ ସାଂଗଠନିକ ବୈଠକ କାର୍ଯ୍ୟକାରୀ ସଭାନେତ୍ରୀ ଶ୍ରୀମତୀ ବନ୍ଦିତା ପରିଡାଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ଭବନ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆଗାମୀ ଦିନରେ ମହିଳା କଂଗ୍ରେସକୁ ସଂଗଠିତ ତଥା ସୁଦୃଢ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବା ସଙ୍ଗେ ସଙ୍ଗେ ଚଳିତ ବିଜେପୁର ଉପ ନିର୍ବାଚନରେ ମହିଳା କଂଗ୍ରେସ ପକ୍ଷରୁ ବିଭିନ୍ନ ପଂଚାୟତ ଓ ୱାର୍ଡରେ ପ୍ରଚାର କାର୍ଯ୍ୟକୁ ଜୋରଦାର କରାଯିବ ବୋଲି ଶ୍ରୀମତୀ ପରିଡା ପ୍ରକାଶ କରିଥିଲେ। ଏହି ବୈଠକରେ ପ୍ରଦେଶ କଂଗ୍ରେସ କମିଟିର ସଭାପତି

ଶ୍ରୀ ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କହିଲେ ଯେ ମହିଳା କଂଗ୍ରେସ ରାଜ୍ୟର ସମସ୍ତ ଅଂଚଳରେ ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ କରି ଅଧିକରୁ ଅଧିକ ସଂଖ୍ୟକ ମହିଳାଙ୍କୁ ସାମିଲ କରାଇ ପାରିଲେ ତାହା ଆମ ଦଳ ପାଇଁ ସହାୟକ ହୋଇପାରିବ। ଆଗାମୀ ବିଜେପୁର ଉପ ନିର୍ବାଚନରେ ମହିଳା କଂଗ୍ରେସର ବରିଷ୍ଠ ନେତୃମଣ୍ଡଳୀ ବିଜେପି ଓ ବିଜେଡିର ଜନବିରୋଧି ନୀତି ବିରୁଦ୍ଧରେ ପ୍ରଚାର କରି କଂଗ୍ରେସ ପ୍ରାର୍ଥୀଙ୍କୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ଉଦ୍‌ବୋଧନ ଦେଇ କଂଗ୍ରେସ ନେତ୍ରୀ ସାବିତ୍ରୀ ଚୌଧୁରୀ ଓ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ରଶ୍ମି ମହାପାତ୍ର ମହିଳା କଂଗ୍ରେସର ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ବୈଠକରେ ମହିଳା କଂଗ୍ରେସ କର୍ମକର୍ତା ଓ ଜିଲ୍ଲା ସଭାନେତ୍ରୀ ଶ୍ରୀମତୀ ସ୍ୱାଧିନବାଳା ଦାସ, ସ୍ୱାଗତିକା ପଟ୍ଟନାୟକ, ମଞ୍ଜୁଶ୍ରୀ କଳ୍ପନା ରାଉତରାୟ, ଶୁଭଶ୍ରୀ ପଣ୍ଡା, ପ୍ରତିମା ମଲ୍ଲିକ, କୁସୁମ ପ୍ରଧାନ, ରୂପାଦିପ୍ତି ମହାପାତ୍ର, ଏମ. ପରବିନ୍, ନିରୁପମା ଦ



ବିଶ୍ୱ ଅର୍ଥନୀତିରେ ସାମୁଦ୍ରିକ ବାଣିଜ୍ୟକ୍ଷେତ୍ର

ସେପ୍ଟେମ୍ବର ୨୬ ତାରିଖ ବିଶ୍ୱ ସାମୁଦ୍ରିକ ବାଣିଜ୍ୟ ଦିବସ ବା ୱାର୍ଲଡ୍ ମାରିଟାଇମ୍ ଡେ'। ଜାତିସଂଘ ପକ୍ଷରୁ ଅନୁମୋଦନ କରାଯାଇଥିବା ଏହି ଦିବସକୁ ଇଣ୍ଟରନ୍ୟାସନାଲ ମାରିଟାଇମ୍ ଅର୍ଗାନାଇଜେସନ୍‌ର କର୍ମକର୍ତ୍ତାମାନେ ପ୍ରତିବର୍ଷ ସେପ୍ଟେମ୍ବର ୨୬ ତାରିଖକୁ ସାମୁଦ୍ରିକ ବାଣିଜ୍ୟ ଦିବସ ଭାବେ ପାଳନ କରିଥାନ୍ତି। ସମୁଦ୍ରରେ ନୌକା କିମ୍ବା ଜାହାଜରେ ବାଣିଜ୍ୟ କରିବାକୁ ଯାଉଥିବା ସମୟରେ ସଂପୂର୍ଣ୍ଣ ନିରାପତ୍ତା ଅବଲମ୍ବନ କରିବା ନିମନ୍ତେ ଏହି ଦିବସ ମାଧ୍ୟମରେ ସଚେତନ କରାଯାଏ। ଆଜି ସମଗ୍ର ବିଶ୍ୱରେ କେବଳ ନୌବାଣିଜ୍ୟ ପରିବହନ ନୁହେଁ ଜଳରାସ୍ତାରେ ଅନେକ ଦେଶ ସହିତ ଅନେକ ଦେଶର ସମ୍ପର୍କ ଯୋଡ଼ି ହୋଇଛି। ଯାହାପାଇଁ କେବଳ ବଡ଼ ବଡ଼ ପଣ୍ୟବାହୀ ଜାହାଜ ନୁହେଁ ଯାତ୍ରୀମାନଙ୍କ ପାଇଁ ନୌଜାହାଜ ଏକ ବଡ଼ ଅବଲମ୍ବନ ପାଲଟିଛି। ଆଫ୍ରିକା ଉପକୂଳ ହେଉ ବା ଆମେରିକା ପୃଥିବୀର ଏହି ଦୁଇଟି ବିପରୀତଗାମୀ ବିଶ୍ୱ ଭୂଖଣ୍ଡର ଲୋକପ୍ରିୟ ଓ ନଭରଯୋଗ୍ୟ ସମ୍ପର୍କର ସେତୁ ହେଉଛି ଏହ ଜଳଜାହାଜର ବ୍ୟବସ୍ଥା। ଦିନଥିଲା ଆମ ଓଡ଼ିଆର ସାଧବପୁଅମାନେ ନୌଯାତ୍ରା କରି ଶ୍ରୀଲଙ୍କା ହେଉ ବା ଜାଭା, ସୁମାତ୍ରା ପରି ପୃଥିବୀର ବିଭିନ୍ନ ରାଷ୍ଟ୍ର ସହ କେବଳ ବାଣିଜ୍ୟ ନୁହେଁ ଭାବଗତ ସମ୍ପର୍କ ରଖିଥିଲେ ଏହି ସାମୁଦ୍ରିକ ବାଣିଜ୍ୟ କ୍ଷେତ୍ରରେ। ଆମର ଲୋକପ୍ରିୟ ଖୁଦୁରୁକୁଣୀ ଓଷାରେ ବାଣିଜ୍ୟ ନିମିତ୍ତ ଭାଇମାନଙ୍କର ଜଳଯାତ୍ରା ଓ ଭଉଣୀ ପ୍ରତି ବ୍ୟବହାରର ଘଟଣା ଆମ ଓଡ଼ିଆ ଚଳଣୀରେ ବେଶ୍ ଲୋକପ୍ରିୟ। ଭାରତରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ନୂଆ ସରକାର ଗଠନ ହେଲାପରେ ପୃଥିବୀର ବିଭିନ୍ନ ରାଷ୍ଟ୍ର ସହିତ ସାମୁଦ୍ରିକ ବାଣିଜ୍ୟ କ୍ଷେତ୍ର ପାଇଁ ନୂଆ ସୁଯୋଗ ସୃଷ୍ଟି ହୋଇଛି। ଯାହାଦ୍ୱାରା ବିଭିନ୍ନ ଖାଦ୍ୟ ପଦାର୍ଥ ଠାରୁ ମାଛ, ବିଭିନ୍ନ କାଠ ସମାଗ୍ରୀ ଠାରୁ ଖଣିଜପଥର, ତେଲ ଓ ପ୍ରାକୃତିକ ଗ୍ୟାସର ପରିବହନ ଏ ସାମୁଦ୍ରିକ ବାଣିଜ୍ୟ ଯୋଗାଯୋଗ ଦ୍ୱାରା ସମ୍ଭବ ହେଉଛି। କହିବାକୁଗଲେ ସମଗ୍ର ପୃଥିବୀର ଦୁଇତୃତୀୟାଂଶ ଖଣିଜ ଲୁହାପଥର, ତୈଳ, ପ୍ରାକୃତିକ ଗ୍ୟାସ ପରି ନିତ୍ୟାନ୍ତ ଅପରିହାର୍ଯ୍ୟ ଜିନିଷ କେବଳ ସାମୁଦ୍ରିକ ବାଣିଜ୍ୟ ପରିବହନ ଦ୍ୱାରା ଯୋଗାଯୋଗ ହୋଇପାରୁଛି।

ଆଜି ସମଗ୍ର ପୃଥିବୀରେ ସାମୁଦ୍ରିକ ବାଣିଜ୍ୟ କ୍ଷେତ୍ର ବହୁତ ବ୍ୟାପକ ହୋଇଛି। ଯାହାପାଇଁ ଚୀନ ହେଉ ବା ଆମେରିକା ଜାପାନ ହେଉ ବା ଜର୍ମାନ, ଫ୍ରାନ୍ସ ବା ଋଷ ଏପରିକି ଆମର ପଡ଼ୋଶୀ ଶ୍ରୀଲାଙ୍କା ଓ ପାକିସ୍ତାନ ପରି ରାଷ୍ଟ୍ର ନିଜ ନିଜ ସ୍ଥଳପଥ ଇଲାକା ନିକଟବର୍ତ୍ତୀ ସମୁଦ୍ର ଉପରେ ନିଜର ପ୍ରଭାବ ଜାହିର କରିବା ପାଇଁ ପ୍ରଚେଷ୍ଟିତ। ଯାହାପାଇଁ ବେଳେ ବେଳେ ଅପ୍ରୀତିକର ପରିସ୍ଥିତି ବି ସୃଷ୍ଟି ହେଉଛି। ନିକଟରେ ଚାଇନା ଆମେରିକା ଇଲାକା ନିକଟବର୍ତ୍ତୀ ଅଞ୍ଚଳରେ ନିଜର ବାଣିଜ୍ୟ ତରୀର ସୁରକ୍ଷା ପାଇଁ ଯୁଦ୍ଧପୋତ ପଠାଇବା ପରେ ଏ ନେଇ ଏକ ବିଶ୍ୱସ୍ତରରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ଏହା ଯଦିଓ ପ୍ରସମିତ ହୋଇଛି କିନ୍ତୁ ଏହା ଚିରସ୍ଥାୟୀ ନୁହେଁ। ଆଜି ସମଗ୍ର ପୃଥିବୀର ବିଭିନ୍ନ ପ୍ରଗତି ଓ ବିକାଶମୁଖୀ ରାଷ୍ଟ୍ରମାନେ ନିଜର ବାଣିଜ୍ୟ ପରିବହନର ସବୁଠାରୁ ବଡ଼ କ୍ଷେତ୍ର ଏ ସାମୁଦ୍ରିକ ବାଣିଜ୍ୟ ପଥ ଉପରେ ଗୁରୁତ୍ୱ ଦେଉଥିବାରୁ ସେମାନେ ନିଜ ନିଜର ବାଣିଜ୍ୟ ପରିବହନ ନେଉଥିବା ଜାହାଜର ସୁରକ୍ଷା ପାଇଁ ବିଭିନ୍ନ ରାଷ୍ଟ୍ରର ମିଳିତ ସହଯୋଗରେ ସୁରକ୍ଷା ଜାହାଜ ମୁତୟନ କରୁଛନ୍ତି। ପାଠକ ମାନଙ୍କୁ ଜଣା ଯେ, ସୋମାଲିଆ ପରି ରାଷ୍ଟ୍ରରେ ଏହି ସମୁଦ୍ର ପରିବହନକାରୀ ଜାହାଜ ଉପରେ ଆକ୍ରମଣ କରି ଜଳଦସ୍ୟୁମାନେ ନିୟମିତ ଭାବରେ ଲୁଟପାଟ୍ କରି କେତେକ କ୍ଷେତ୍ରରେ ମୁଣ୍ଡ ଜାମିନ୍ ରଖି ଯେଉଁ ଅଘଟଣ ଘଟାଉଛନ୍ତି ତାହାର ପ୍ରଭାବ ମଧ୍ୟ ବାଣିଜ୍ୟ ପରିବହନ କ୍ଷେତ୍ରକୁ ଗୁରୁତର ଭାବେ ଦେଖିବାକୁ ମିଳୁଛି। ସ୍ଥଳ ପରିବହନ ଓ ଆକାଶ ପରିବହନ ଠାରୁ ସାମୁଦ୍ରକ ବାଣଜ୍ୟ ରାସ୍ତା ନଭରଯୋଗ୍ୟ ଓ କମ୍ ରାଜସ୍ୱ ଖର୍ଚ୍ଚରେ ହେଉଥିବାରୁ କେବଳ ଭାରତ ନୁହେଁ ପୃଥିବୀର ପ୍ରାୟତଃ ଅଧିକାଂଶ ରାଷ୍ଟ୍ର ଏହି କ୍ଷେତ୍ର ଉପରେ ନିର୍ଭରଶୀଳ ହେଉଛନ୍ତି। କେବଳ ସେତିକି ନୁହେଁ ପ୍ରଶସ୍ତ ସାମୁଦ୍ରିକ ଇଲାକାରେ ନିଜର ପତିଆରା ଓ ଦାଦାଗିରି ଦେଖାଇବା ପାଇଁ ଆନ୍ତର୍ଜାତିକ ସୀମାକୁ ଉଲଂଘନ କରି କିଛି ବଡ଼ ରାଷ୍ଟ୍ରର ଯୁଦ୍ଧତରୀ ବେଳେ ବେଳେ ଯେଉଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛନ୍ତି ତାହା ସମଗ୍ର ବିଶ୍ୱ ସମାଜ ପାଇଁ ଏକ ଚିନ୍ତାଜନକ ଘଟଣା। ଆମର ପଡ଼ୋଶୀ ପାକିସ୍ତାନ ଓ ଶ୍ରୀଲଙ୍କା ମିତ୍ର ରାଷ୍ଟ୍ର ହୋଇଥିଲେ ବି ଅଧିକାଂଶ ସମୟରେ ଭାରତକୁ ରପ୍ତାନୀ ଓ ଆମଦାନୀ କରୁଥିବା ସାମୁଦ୍ରିକ ବାଣିଜ୍ୟ ପୋତ ଉପରେ ଆକ୍ରମଣ କରି କିଛି କ୍ଷୟକ୍ଷତି ଘଟାଉଛନ୍ତି। ଆଜି ବିଶ୍ୱ ସାମୁଦ୍ରିକ ବାଣିଜ୍ୟ ଦିବସ ଅବସରରେ ସମଗ୍ର ବିଶ୍ୱ ସମୁଦାୟ ନିଜର ବିକାଶଶୀଳ ଓ ପ୍ରଗତି କ୍ଷେତ୍ରକୁ ଏକ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଚିନ୍ତନ ଭିତରେ ରଖି ସୁସମ୍ପର୍କ ଓ ଆପୋଷ ଆଲୋଚନାଦ୍ୱାରା ନିଜ ବାଣିଜ୍ୟ କ୍ଷେତ୍ରକୁ ବଢ଼ାଇଲେ ଏହାର ପ୍ରଭାବ ଏକ ଶାନ୍ତିପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା ସହ କେବଳ ସେହି ଦେଶର ନୁହେଁ ସମଗ୍ର ପୃଥିବୀ ପାଇଁ ଏକ ମଙ୍ଗଳକାରକ ହେବ। ତେବେ କିଛି ରାଷ୍ଟ୍ର ସେପ୍ଟେମ୍ବର ୨୬ ତାରିଖକୁ ସାମୁଦ୍ରିକ ବାଣିଜ୍ୟ ଦିବସ ଭାବେ ପାଳନ କରୁଥିବାବେଳେ ଅନ୍ୟ ରାଷ୍ଟ୍ରଗୁଡ଼ିକ ସେପ୍ଟେମ୍ବର ମାସର ଶେଷ ସପ୍ତାହରେ ଏହି ଦିବସ ପାଳନ କରିଥାନ୍ତି।

ଡଃ. ଅରୁନ୍ଧତୀ ଦେବୀ, ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ : ୯୯୩୭୧୭୨୮୧୦

ନୀରବଘାତକ: ଉଚ୍ଚ ରକ୍ତଚାପ

ଭାରତରେ ବୃଦ୍ଧି ପାଉଛି ଉଚ୍ଚ ରକ୍ତଚାପ ରୋଗୀଙ୍କ ସଂଖ୍ୟା। ପରିବର୍ତ୍ତନଶୀଳ ଜୀବନଶୈଳୀ ଯୋଗୁଁ ଏହି ସମସ୍ୟା ବୃଦ୍ଧି ପାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତଥ୍ୟ ଅନୁଯାୟୀ ୨୦୨୦ ବେଳକୁ ଭାରତରେ ଏକ ତୃତୀୟାଂଶ ଲୋକ ଉଚ୍ଚ ରକ୍ତଚାପର ଶିକାର ହେବେ। ୨୦୧୬ରେ ହୋଇଥିବା ଏକ ଗଣନାରୁ ଜଣାପଡ଼ିଛି ସହରାଞ୍ଚଳରେ ୨୦ରୁ ୪୦ ପ୍ରତିଶତ ଲୋକ ଉଚ୍ଚ ରକ୍ତଚାପର ଶିକାର ହୋଇଥିବାବେଳେ ଗ୍ରାମାଞ୍ଚଳରେ ୧୨ରୁ ୧୭ ପ୍ରତିଶତ ଲୋକ ଉଚ୍ଚ ରକ୍ତଚାପର ଶିକାର ହୋଇଛନ୍ତି। ଭାରତରେ ବର୍ଷକୁ ପ୍ରାୟ ୧.୫ ମିଲିୟନ ଲୋକ ଉଚ୍ଚ ରକ୍ତଚାପ ଯୋଗୁଁ ମୃତ୍ୟୁମୁଖରେ ପଡ଼ିଥାନ୍ତି। ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ବିଶ୍ୱରେ ବର୍ଷକୁ ୧୨.୮ ପ୍ରତିଶତ ଲୋକ ବିଭିନ୍ନ କାରଣରୁ ମୃତ୍ୟୁମୁଖରେ ପଡୁଥିବାବେଳେ ୭.୫ ମିଲିୟନ ଲୋକ କେବଳ ଉଚ୍ଚ ରକ୍ତଚାପ ଯୋଗୁଁ ମୃତ୍ୟୁ ମୁଖରେ ପଡ଼ିଥାନ୍ତି। ସାଧାରଣତଃ ଉଚ୍ଚ ରକ୍ତଚାପ ବ୍ୟକ୍ତିକୁ ୪୦ ବର୍ଷ ଟପିଲା ପରେ ଦେଖାଯାଏ। ହେଲେ ଆଜିକାଲି ୨୦-୩୦ ବର୍ଷ ବୟସର ବ୍ୟକ୍ତି ବିଶେଷ କରି କଲେଜ ଛାତ୍ରମାନଙ୍କଠାରେ ଦେଖାଯାଉଛି। ଏଭଳି ଉଚ୍ଚ ରକ୍ତଚାପ ଜନିତ ରୋଗୀଙ୍କ ସଂଖ୍ୟା ବଢ଼ିବାର କାରଣ କ'ଣ ହୋଇପାରେ! ପ୍ରମୁଖ କାରଣ ହେଉଛି-ବ୍ୟସ୍ତବହୁଳ ଜୀବନଶୈଳୀ ଯୋଗୁଁ ବ୍ୟକ୍ତି ସର୍ବଦା ଫାଷ୍ଟଫୁଡ୍, ଜଙ୍କଫୁଡ଼ ଓ ବାହାରେ ତିଆରି ହେଉଥିବା ତେଲ ମସଲା ଖାଦ୍ୟ ଖାଉଛି। ଯାହାକି ଉଚ୍ଚ ରକ୍ତଚାପ ବୃଦ୍ଧିର ମୁଖ୍ୟ କାରଣ। ଏହାଦ୍ୱାରା ରକ୍ତବାହୀ ନଳୀରେ କୋଲେଷ୍ଟେରଲ ବୃଦ୍ଧି ହୋଇ ନଳୀ ପଥକୁ ସରୁ କରିଦେଉଛି। ଫଳରେ ଉଚ୍ଚ ରକ୍ତଚାପ ସମସ୍ୟା ବୃଦ୍ଧି ପାଉଛି। ଆଜିକାଲିର ଲୋକମାନେ ଶାରୀରିକ ପରିଶ୍ରମ ବ୍ୟତୀତ ମାନସିକ ପରିଶ୍ରମ କରିବାକୁ ପସନ୍ଦ କରୁଛନ୍ତି। ଅଧିକ ଟଙ୍କା ଲୋଭ ହିଁ ବ୍ୟକ୍ତିକୁ ଶାରୀରିକ ପରିଶ୍ରମଠାରୁ ଦୂରେଇ ରଖୁଛି। ସମୟ ଅଭାବରୁ ମଧ୍ୟ ବ୍ୟକ୍ତି ବ୍ୟାୟାମ କରୁନି। ଏହାଦ୍ୱାରା ଶରୀରରେ ମେଦ ଜମା ହେଉଛି। ଯାହାକି ଉଚ୍ଚ ରକ୍ତଚାପର ମୁଖ୍ୟ କାରଣ। ଉଚ୍ଚ ରକ୍ତଚାପର ମୁଖ୍ୟ କାରଣ ହେଉଛି ଲୁଣ। ଆଡ଼େଡ୍ ଲୁଣ ଅର୍ଥାତ୍ ଖାଦ୍ୟ ପ୍ରସ୍ତୁତ ଅଧିକ ଲୁଣ ଛିଞ୍ଚି ଖାଇବାଦ୍ୱାରା ହିଁ ରକ୍ତଚାପ ବୃଦ୍ଧି ହୋଇଥାଏ। ଏଣୁ ଯେତେ ସମ୍ଭବ ଲୁଣ କମ୍ ଖାଇବା ଦରକାର। ଜଣେ ଦିନକୁ ମାତ୍ର ୫ଗ୍ରାମ ଲୁଣ ଖାଇବା ଦରକାର। ଉଚ୍ଚ ରକ୍ତଚାପ ବୃଦ୍ଧି ପାଇଁ ଚିନ୍ତା ହେଉଛି ଅନ୍ୟତମ ଏକ ମୁଖ୍ୟ କାରଣ। ଆବଶ୍ୟକତାଠାରୁ ଅଧିକ କାମ କରିବାର ନିଶା, ଅଧିକ ଧନ ଅର୍ଜନ କରିବାର ପ୍ରୟାସ ହିଁ ମଣିଷକୁ ଚିନ୍ତାରେ ପକାଉଛି। ଚିନ୍ତାରେ ରହିବା ଯୋଗୁଁ ବ୍ୟକ୍ତିଠାରେ ଉଚ୍ଚ ରକ୍ତଚାପ ବୃଦ୍ଧି ପାଏ। ସେହିପରି ଯୁବପିଢ଼ି ତମାଖୁ ତଥା ଗୁଟୁଖା, ବିଡ଼ି, ସିଗାରେଟ ଆଦି ଓ ଆଲ୍‌କୋହଲଯୁକ୍ତ ପାନୀୟ ଗ୍ରହଣ କରିବା ଯୋଗୁଁ ଶିରା ପ୍ରଶିରା ଦୁର୍ବଳ ହୋଇଯାଉଛି। ଏହାଦ୍ୱାରା ରକ୍ତ ଠିକ୍ ଭାବରେ ସଞ୍ଚାଳନ ହୋଇପାରେନାହିଁ। ଫଳରେ ଉଚ୍ଚ ରକ୍ତଚାପ ସମସ୍ୟା ଦେଖାଯାଉଛି। ଅନ୍ୟ ଏକ କାରଣ ହେଉଛି, ହର୍ମୋନରେ ଅସନ୍ତୁଳନ ଦେଖାଦେଲେ ମଧ୍ୟ ଉଚ୍ଚ ରକ୍ତଚାପ ବୃଦ୍ଧି ହୋଇଥାଏ। ବେଳେବେଳେ ବୟସ୍କମାନଙ୍କ କ୍ଷେତ୍ରରେ ହର୍ମୋନର ଅନିୟମିତତା। ମହିଳାମାନଙ୍କ କ୍ଷେତ୍ରରେ ଗର୍ଭନିରୋଧକ ବଟିକା ଓ ପେନ୍ କିଲର ଖାଇବା ଦ୍ୱାରା ମଧ୍ୟ ଉଚ୍ଚ ରକ୍ତଚାପ ସମସ୍ୟା ଦେଖାଯାଏ। ଏହି ବଟିକା ଖାଇବା ଦ୍ୱାରା ରକ୍ତ ଜମାଟ ବାନ୍ଧେ। ଏହାଦ୍ୱାରା ରକ୍ତ ସଞ୍ଚାଳନ ସୂଚାରୁ ରୂପେ ନ ହୋଇପାରିବା ଯୋଗୁଁ ମଧ୍ୟ ଉଚ୍ଚ ରକ୍ତଚାପ ସମସ୍ୟା ଦେଖାଯାଏ। ଅନେକ ହୁଏତ ଜାଣିନଥିବେ ଗାଢ଼ ନିଦ୍ରା ନ ହେଲେ ମଧ୍ୟ ଉଚ୍ଚରକ୍ତଚାପ ଦେଖାଯାଏ। ଦିନକୁ ୮ଘଣ୍ଟା ଗାଢ଼ ନିଦ୍ରାରେ ଶୋଇବା ଦରକାର। ଯଦି ଏଥିରେ ଅନିୟମିତତା ଦେଖାଯାଏ, ବ୍ୟକ୍ତି ଉପଯୁକ୍ତ ମାତ୍ରାରେ ଶୋଇ ନପାରେ, ଚିନ୍ତାରେ ରହେ ଓ ତା'ଠାରେ ଉଚ୍ଚ ରକ୍ତଚାପ ସମସ୍ୟା ବୃଦ୍ଧି ପାଏ। ଉଚ୍ଚ ରକ୍ତଚାପ ବୃଦ୍ଧି ଯୋଗୁଁ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ପ୍ରଭାବିତ ହୁଏ। ବ୍ରେନ୍, ହୃତ୍‌ପିଣ୍ଡ, କିଡ଼ନୀ ଓ ଆଖି ବିଶେଷ ପ୍ରଭାବିତ ହୋଇଥାଏ। ସମୟ ସମୟରେ ଉଚ୍ଚ ରକ୍ତଚାପ ଜୀବନ ନେଇଥାଏ। ହେଲେ ସବୁ ସମୟରେ ମଣିଷ ଜାଣିପାରେନାହିଁ ଯେ ସେ ଉଚ୍ଚ ରକ୍ତଚାପର ଶିକାର ହୋଇଛି। ବିନା ଚିକିତ୍ସାରେ ଏହା ଦୀର୍ଘଦିନ ଧରି ରହିବା ଯୋଗୁଁ ବ୍ରେନ୍ ଷ୍ଟ୍ରୋକ୍, ହୃଦ୍‌ଘାତ, କିଡ଼ନୀ ଫେଲ୍ୟୁୟର ଓ ରେଟିନା ଦୁର୍ବଳ ହୋଇଥାଏ। ଏହି ଅଙ୍ଗଗୁଡ଼ିକ କିପରି ପ୍ରଭାବିତ ହୁଏ! ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ମସ୍ତିଷ୍କ କ୍ଷେତ୍ରରେ ଉଚ୍ଚ ରକ୍ତଚାପ ବୃଦ୍ଧି ଯୋଗୁଁ ଦୁଇ ପ୍ରକାର ବ୍ରେନ୍‌ଷ୍ଟ୍ରୋକ ହୋଇଥାଏ। ଇସଚେମିକ୍ ଷ୍ଟ୍ରୋକ୍ ଓ ହେମୋରେଜିକ୍ ଷ୍ଟ୍ରୋକ୍। ବ୍ରେନକୁ ସଂଯୋଗ ହୋଇଥିବା ରକ୍ତବାହୀ ନଳୀରେ ଜମାଟ ବାନ୍ଧିରେ ବ୍ରେନ୍‌କୁ ରକ୍ତ ସଞ୍ଚାଳନର ଫ୍ଲୋ କମିଯାଏ। ବ୍ରେନ୍‌କୁ ସଂଯୋଗ ରକ୍ତବାହୀ ନଳୀରେ କୋଲେଷ୍ଟରଲର ମାତ୍ରା ବୃଦ୍ଧି ପାଇଲେ ଇସଚେମିକ୍ ଷ୍ଟ୍ରୋକ ହୁଏ। ବ୍ରେନ୍ ଷ୍ଟ୍ରୋକର ପ୍ରାୟ ୮୦ ପ୍ରତିଶତ ଇସଚେମିକ୍ ଷ୍ଟ୍ରୋକ ହୋଇଥାଏ। ରକ୍ତଚାପ ଅତ୍ୟଧିକ ବୃଦ୍ଧି ପାଇଲେ ବ୍ରେନ୍‌କୁ ସଂଯୋଗ ହୋଇଥିବା ନଳୀ ଫାଟିଗଲେ ହେମୋରେଜିକ୍ ଷ୍ଟ୍ରୋକ ହୋଇଥାଏ। ଅନ୍ୟ ଏକ ସମ୍ବେଦନଶୀଳ ଚକ୍ଷୁ ଦେଖିବାରେ ଆଖି ସହ ସଂଯୋଗ ରେଟିନା ସହାୟକ ହୋଇଥାଏ। ଉଚ୍ଚ ରକ୍ତଚାପ ଯୋଗୁଁ ରେଟିନା ସହିତ ସଂଯୋଗ ଥିବା ରକ୍ତବାହୀ ନଳୀ ଦୁର୍ବଳ ହୋଇଯାଏ। ଏହାଦ୍ୱାରା ରେଟିନାକୁ ଉତ୍ତମ ଭାବେ ରକ୍ତ ସଞ୍ଚାଳନ ହୋଇପାରେ ନାହିଁ। ଫଳରେ ଦୃଷ୍ଟିଶକ୍ତି ହ୍ରାସ ପାଏ। ବ୍ୟକ୍ତିକୁ ଝାପ୍‌ସା ଝାପ୍‌ସା ଦେଖାଯାଏ। ସେହିପରି କିଡ଼ନୀ କ୍ଷେତ୍ରକୁ ଦେଖିଲେ, ଦୀର୍ଘଦିନ ଧରି ଉଚ୍ଚ ରକ୍ତଚାପ ଲାଗି ରହିଲେ କିଡ଼ନୀ ପ୍ରଭାବିତ ହୋଇଥାଏ। କିଡ଼ନୀ ରକ୍ତକୁ ଛାଣି ପରିଷ୍କାର କରିଥାଏ। ଆମ ଶରୀରରୁ ଅପରିଷ୍କାର ଦ୍ରବ୍ୟ ବାହାରକୁ ବାହାର କରିଥାଏ। ହେଲେ ଉଚ୍ଚ ରକ୍ତଚାପ ଯୋଗୁଁ ଅଧିକ ରକ୍ତ କିଡ଼ନୀକୁ ପ୍ରବାହିତ ହୋଇଥାଏ, ଏହାଦ୍ୱାରା କିଡ଼ନୀ ଉପରେ ଚାପ ପଡ଼େ। ଯାହାଦ୍ୱାରା କିଡ଼ନୀ ଦୁର୍ବଳ ହୋଇଯାଏ। ଦୀର୍ଘଦିନ ଧରି ଉଚ୍ଚ ରକ୍ତଚାପ ରହିଲେ କିଡ଼ନୀ ଅକାମୀ ହୋଇଥାଏ। ଶରୀରର ଅତ୍ୟନ୍ତ ଅପରିହାର୍ଯ୍ୟ ହୃତ୍‌ପିଣ୍ଡ, ଉଚ୍ଚ ରକ୍ତଚାପର ବିଶେଷ ପ୍ରଭାବ ହୃତ୍‌ପିଣ୍ଡ ଉପରେ ପଡ଼େ। ରକ୍ତଚାପ ଉଚ୍ଚ ହେଲେ ହୃଦ୍‌ସ୍ପନ୍ଦନ ବୃଦ୍ଧି ପାଏ। ଅଧିକ ସ୍ପନ୍ଦନ ଯୋଗୁଁ ହୃତ୍‌ପିଣ୍ଡର ମାଂସପେଶୀ ଦୁର୍ବଳ ହୋଯାଏ। ରକ୍ତଚାପ ବଢ଼ିବା ପରେ ରକ୍ତବାହୀ ନଳୀ ସରୁ ହୋଇଯାଏ। ଫଳରେ ହୃତ୍‌ପିଣ୍ଡକୁ ରକ୍ତ ସ୍ରୋତ କମିଯାଏ କିମ୍ବା ବନ୍ଦ ହୋଇଯାଏ। ଏହାଦ୍ୱାରା ହୃଦ୍‌ଘାତ ହୁଏ। ଉଚ୍ଚ ରକ୍ତଚାପର ନିରାକରଣ ପାଇଁ ପ୍ରଥମେ ଖାଦ୍ୟପେୟରେ ନିୟନ୍ତ୍ରଣ ରହିବା ଦରକାର। ଯେତେ ସମ୍ଭବ ଲୁଣ କମ୍ ଖାଇବା ଦରକାର। ଦିନକୁ ମାତ୍ର ୫ଗ୍ରାମ ଲୁଣ ଖାଆନ୍ତୁ। ଏହାଠାରୁ ଅଧିକ ଖାଇଲେ ଅସୁବିଧା। ତେଲମସଲା, ଫାଷ୍ଟଫୁଡ ଓ ଜଙ୍କଫୁଡ୍ ପରି ଖାଦ୍ୟଠାରୁ ଦୂରେଇ ରହନ୍ତୁ। ସବୁଜ ପନିପରିବା ଓ ତଟକା ଖାଦ୍ୟକୁ ଗୁରୁତ୍ୱ ଦିଅନ୍ତୁ। ଆଜିକାଲି ପରିବର୍ତ୍ତନ ଜୀବନଶୈଳୀ ଯୋଗୁଁ ବର୍ତ୍ତମାନ ୪୦ ବର୍ଷ ପୂର୍ବରୁ ଉଚ୍ଚରକ୍ତଚାପ ସମସ୍ୟା ଦେଖାଯାଉଛି। ଏଣୁ ୩୫-୪୦ ବର୍ଷ ପରେ ସମସ୍ତେ ବର୍ଷକୁ ଥରେ ରକ୍ତଚାପ ପରୀକ୍ଷା କରିବା ଏକାନ୍ତ ଆବଶ୍ୟକ। ଉଚ୍ଚ ରକ୍ତଚାପ ହୋଇଥିଲେ, ତାହା ହଠାତ୍ ଜଣାପଡ଼େନାହିଁ। ବଂଶରେ କାହାର ଉଚ୍ଚ ରକ୍ତଚାପ ଥିଲେ, ଡାଇବେଟିସ କିମ୍ବା ବ୍ରେନ୍ ଷ୍ଟ୍ରୋକ ହୋଇଥିଲେ ୬ମାସରେ ଥରେ ରକ୍ତଚାପ ପରୀକ୍ଷା କରିବା ଦରକାର। ଏଥିପ୍ରତି ଅଧିକ ସଚେତନ ହେବା ଉଚିତ। ପ୍ରତିଦିନ ବ୍ୟାୟାମ ଓ ଯୋଗ କରନ୍ତୁ। ଏହାଦ୍ୱାରା ଶରୀରର ଅଙ୍ଗପ୍ରତ୍ୟଙ୍ଗ ସକ୍ରିୟ ରହିବା ସହ ମେଦବୃଦ୍ଧି ହୁଏନାହିଁ କି ଉଚ୍ଚରକ୍ତ ଚାପର ସମସ୍ୟା ମଧ୍ୟ ଦେଖାଯିବନାହିଁ। ତମାଖୁ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟଠାରୁ ଦୂରେଇ ରହନ୍ତୁ। ବିଶେଷ କରି ଧୂମପାନଠାରୁ ଦୂରେଇ ରହିବା ଦରକାର। କାରଣ ଏହା ଶିରାପ୍ରଶିରାକୁ ସଙ୍କୁଚିତ କରିଦିଏ। ଯାହାଦ୍ୱାରା ଉଚ୍ଚ ରକ୍ତଚାପର ଆଶଙ୍କା ବଢ଼ିଯାଏ। ଉଚ୍ଚ ରକ୍ତଚାପର ଶିକାର ହୋଇଥିବା ବ୍ୟକ୍ତି ନିୟମିତ ଭାବରେ ଔଷଧ ଖାଇବା ଦରକାର। ତେବେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଦିନେ ବି ବନ୍ଦ କରିବା ଉଚିତ ନୁହେଁ। ବି.ପି. ମେଡ଼ିସିନ ଗୋଟିଏ ଦିନ ବନ୍ଦ ହେଲେ ବି ବ୍ରେନ୍ ଷ୍ଟ୍ରୋକ, ହୃଦ୍‌ଘାତ ହେବାର ଆଶଙ୍କା ବଢ଼ିଯାଏ। ଏଣୁ ରୋଗୀ ଭୁଲରେ ବି ଔଷଧ ବନ୍ଦ କରିବା ଉଚିତ ନୁହେଁ। ଚିନ୍ତା, ଅତ୍ୟଧିକ କାମଠାରୁ ଦୂରରେ ରହି ଉପଯୁକ୍ତ ପରିମାଣ ତଥା ୬-୮ ଘଣ୍ଟା ଗାଢ଼ ନିଦ୍ରାରେ ଶୁଅନ୍ତୁ। ଉଚ୍ଚ ରକ୍ତଚାପର ଶିକାର ହୋଇଥିବା ବ୍ୟକ୍ତି ୨-୩ ମାସରେ ନିୟମିତ ଭାବରେ ଡାକ୍ତରଙ୍କ ପରାମର୍ଶ ନେବା ଦରକାର। କାରଣ ଔଷଧର ଡୋଜ୍ ପରିବର୍ତ୍ତନ କରିବାକୁ ପଡ଼ିପାରେ। ସର୍ବପ୍ରଥମେ ନିଜକୁ ଶାନ୍ତ ରଖିବା ସହ ବାହ୍ୟଚାପରୁ ମୁକ୍ତ ରହିବା ପାଇଁ ଚେଷ୍ଟା କରନ୍ତୁ। ସୁଷମ ଖାଦ୍ୟ, ଯୋଗ ପ୍ରାଣାୟମ ଖୁବ୍ ଭଲ। ସତ୍‌ଚିନ୍ତା ଓ ଆଧ୍ୟାତ୍ମିକ ସ୍ୱାଧ୍ୟାୟ ଅମୃତ ସଞ୍ଜିବନୀ କହିଲେ ଅତ୍ୟୁକ୍ତି ହେବନାହିଁ। ସମସ୍ତ ନିଶାଦ୍ରବ୍ୟଠାରୁ ଦୂରେଇ ରହନ୍ତୁ, ଉପଯୁକ୍ତ ବିଶ୍ରାମ ନିଅନ୍ତୁ ଓ ଆଧ୍ୟାତ୍ମିକ ଜୀବନ ପାଇଁ ସର୍ବଦା ନିଜ

ମୋ ସହର

ବେଦାନ୍ତ ଲାଞ୍ଜିଗଡ଼କୁ ୨୦୧୯ରେ ଶକ୍ତି ପରିଚାଳନା କ୍ଷେତ୍ରରେ ଉତ୍କର୍ଷତା ପାଇଁ ସିଆଇଆଇ ନ୍ୟାସନାଲ୍ଟ ଆୱାର୍ଡ ପ୍ରଦାନ

ଲାଞ୍ଜିଗଡ଼: ବେଦାନ୍ତ ଲମିଟେଡ୍ ଆଲୁମିନିୟମ୍ ଏବଂ ପାୱାର ବିଜନେସ୍ ଲାଞ୍ଜିଗଡ଼ ୟୁନିଟ୍‌କୁ ୨୦୧୯ରେ ଶକ୍ତି ପରିଚାଳନା କ୍ଷେତ୍ରରେ ଉତ୍କର୍ଷତା ପାଇଁ ୨୦ତମ ସିଆଇଆଇ ନ୍ୟାସନାଲ୍ଟ ଆୱାର୍ଡ ପ୍ରଦାନ କରାଯାଇଛି। ଲାଞ୍ଜିଗଡ଼ ୟୁନିଟ୍‌କୁ ଏକ୍ସେଲେଂଟ୍ ଏନର୍ଜି ଇଫିସିଏଂଟ୍ ୟୁନିଟ୍ ଆୱାର୍ଡ ମିଳିଛି। ୨୦୧୯ ଆର୍ଥିକ ବର୍ଷରେ ଏହା କମ୍ ଶକ୍ତି ବ୍ୟବହାର କରି ବିଶୋଧନାଗାର ଇତିହାସରେ ନୂଆ ରେକର୍ଡ କରିଛି। ଏହା ସର୍ବନିମ୍ନ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ ଲାଞ୍ଜିଗଡ଼ ୟୁନିଟ୍ ପାଇଁ ବିଶ୍ୱସ୍ତରୀୟ ଗୌରବ ଆଣିପାରିଛି।ଏହି ଅବସରରେ ବେଦାନ୍ତ ଲିମିଟେଡ୍ ଲାଞ୍ଜିଗଡ଼ ୟୁନିଟ୍‌ର ସିଓଓ ରାକେଶ ମୋହନ କହିଲେ, "ଏହି ପୁରସ୍କାର ଶକ୍ତି କ୍ଷେତ୍ରରେ ଆମର ଦକ୍ଷତାପୂର୍ଣ୍ଣ କାର୍ଯ୍ୟକାରିତାକୁ ପ୍ରତିପାଦିତ କରାଉଛି। ଏହା ସହିତ ବେଦାନ୍ତ ଜୀବନଜୀବିକା କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ପ୍ରୟାସ ଜାରି ରଖିଛି। ଏହାଦ୍ୱାରା ଏକ ସୁନ୍ଦର

ବିକଶିତ ପରିବେଶ ଏବଂ ସମାଜ ଗଠନ ପ୍ରକ୍ରିୟା ରୁଦ୍ଧିମନ୍ତ ହୋଇପାରିବ।"ଇତିମଧ୍ୟରେ ବେଦାନ୍ତ କାର୍ଯ୍ୟକାରିତା, ଉତ୍ପାଦନ, ଅନୁକୂଳ କ୍ଷମତା ଏବଂ ଜୀବନଜୀବିକା କ୍ଷେତ୍ରରେ ଡିଜିଟାଲ ପ୍ରକ୍ରିୟାକୁ ଗ୍ରହଣ କରିବା ଆରମ୍ଭ କରିଛି। ଫଳରେ ଏହାର ସ୍ପେସିଫିକ୍ ଏନର୍ଜି କଞ୍ଜପସନ୍ କ୍ଷେତ୍ରରେ ହ୍ରାସ ପରିଲକ୍ଷିତ ହୋଇପାରିଛି। ଏହା ସହିତ କମ୍ପାନୀ ବିକଳ୍ପ ଶକ୍ତି ଉତ୍ସର ବ୍ୟବହାରକୁ ମଧ୍ୟ ଗୁରୁତ୍ୱ ପ୍ରଦାନ କରୁଛି। ସୌରଶକ୍ତିରୁ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ପାଇଁ ସୋଲାର ପ୍ୟାନେଲ ଲଗାଯିବା ସହିତ ବର୍ଜ୍ୟବସ୍ତୁରୁ ବାୟୋଗ୍ୟାସ୍ ପ୍ଲାଂଟ୍ ଦ୍ୱାରା ଇନ୍ଧନ ପ୍ରସ୍ତୁତ କରାଯାଇ ପାରୁଛି।

ସିଆଇଆଇ ଶକ୍ତି କାର୍ଯ୍ୟକାରିତା ବୃଦ୍ଧି ପାଇଁ ବିଭିନ୍ନ ପ୍ରୟାସ କରୁଥିବା ତଥା ଶ୍ରେଷ୍ଠ କାର୍ଯ୍ୟକ୍ରମ ଗ୍ରହଣ କରୁଥିବା ଏବଂ ଜ୍ଞାନକୌଶଳ ଉପଯୋଗ କରୁଥିବା କମ୍ପାନୀଗୁଡ଼ିକୁ ପୁରସ୍କାର ଦ୍ୱାରା ସମ୍ମାନୀତ କରିଥାଏ।

ବାଙ୍କୀରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟରେ ଅତିଷ୍ଠ ହୋଇ ଡମପଡ଼ା ବ୍ଲକର ବିଏଲଓ ଓ ସୁପରଭାଇଜରଙ୍କ ଇସ୍ତଫା ପ୍ରଦାନ

ବାଙ୍କୀ,(ପିଏନ)-ବାଙ୍କୀ ଡମପଡ଼ା ବ୍ଲକର ସମସ୍ତ ବି.ଏଲ୍.ଓ ଓ ସୁପରଭାଇଜରମାନେ ଆଜି ଡମପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ଏକ ବୈଠକରେ ଉପସ୍ଥିତ ଥିବା ବେଳେ ଉକ୍ତ ବୈଠକରେ ବାଙ୍କୀ ଉପଜିଲ୍ଲାପାଳ ଅରୁଣ କୁମାର ବିଶ୍ୱାଳ, ଡମପଡ଼ା ତହସିଲଦାର ଇନ୍ଦିରା ସାହୁ, ଡମପଡ଼ା ବ୍ଲକ ବି.ଡି.ଓ ଆର୍ତ୍ତବନ୍ଧୁ ଲେଙ୍କା ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଦୀର୍ଘ ଦିନ ହେବ ସାଧାରଣ ନିର୍ବାଚନ ସରିଯାଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ତରଫରୁ ନିର୍ବାଚନରେ ଲାଗିଥିବା ଅଟୋବାଲାଙ୍କୁ ନିର୍ଦ୍ଧାରିତ କରାଯାଇଥିବା ଟଙ୍କା ଆଜି ପର୍ଯ୍ୟନ୍ତ ନମିଳିବା ଏବଂ ବିଭିନ୍ନ ଅଟୋମାଲିକ ଗୁଡ଼ିକ ବିଭିନ୍ନ ପ୍ରକାର କଥାବାର୍ତ୍ତା ସୁପରଭାଇଜର ଓ ବି.ଏଲ.ମାନଙ୍କୁ ଶୁଣାଇବା ପ୍ରତ୍ୟେକ ବୁଥରେ କାର୍ଯ୍ୟକରୁଥିବା ପ୍ରତ୍ୟେକ ରବିବାର ସ୍ପେଶାଲ ଡେ ରେ କାର୍ଯ୍ୟରତ ଥିବା ବି.ଏଲ୍.ଓ ମାନଙ୍କୁ ୨ଶହ ଟଙ୍କା ମିଳିବାକୁ ଥିଲେ ମଧ୍ୟ ଅଦ୍ୟାବଧି ନମିଳିବା କୌଣସି ସ୍ପଷ୍ଟ ସୂଚନା ନଦେଇକି ଆକସ୍ମିକଭାବେ ଉପଜିଲ୍ଲାପାଳଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ରିପୋର୍ଟ ମାଗି ସୁପର ଭାଇଜର ଓ ବି.ଏଲ.ଓମାନଙ୍କ ମନରେ ମାନସିକ ଚାପ ସୃଷ୍ଟି କରାଯାଉଥିବା ତତ୍‌ସହିତ ବି.ଏଲ୍.ଓ ଓ ସୁପରଭାଇଜରମାନେ ଯଥା ସମ୍ଭବ ଉଦ୍ୟମ ଜାରି ରଖିଥିବା ବେଳେ ପ୍ରଶାସନ ତରଫରୁ କୌଣସି ପ୍ରକାରର ପ୍ରୋତ୍ସାହିତ ନକରିବା ବଦଳରେ ସେମାନଙ୍କର ଦରମା ବନ୍ଦ କରିବା ତଥା ସସ୍ପେଣ୍ଡ୍ କରିବା ଏଭଳିକି ଆଜିର ବୈଠକରେ ସି.ଆର.ସି ପ୍ରଶାନ୍ତ ସାହୁଙ୍କୁ ତହସିଲଦାର ଡମପଡ଼ା ଇନ୍ଦିରା ସାହୁ ଜୈନିକ ବି.ଏଲ୍.ଓ ଆଜି ବୈଠକରେ ବିଳମ୍ବରେ ଯୋଗଦେବା ସଂପର୍କରେ ତାଙ୍କୁ ଚାପୁଡା ମାରିବାକୁ ଧମକ ଦେଇଥିଲେ। ସେହ ଭଳି ଆଜି ମଧ୍ୟାହ୍ନରେ ମାନସିକ ଚିନ୍ତାରେ ଶିଶୁଆ ପ୍ରୋଜେକ୍ଟ ସ୍କୁଲର ଶିକ୍ଷକ ପ୍ରଣବ ବେହେରା ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ବାଙ୍କୀ ସରକାରୀ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ଏଭଳି ଅନେକ ଗୁଡ଼ିଏ ସମସ୍ୟା ସଂପର୍କରେ ଆଜି ଅପରାହ୍ନରେ ବାଙ୍କୀ ଡମପଡ଼ା ବ୍ଲକର ୯୦ଜଣ ବି.ଏଲ୍.ଓ ଓ ୮ଜଣ ସୁପରଭାଇଜର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଉପଜିଲ୍ଲାପାଳଙ୍କ ବିରୁଦ୍ଧରେ ନାରାବାଜି କରିବା ସହ ଧାରଣାରେ ବସିଥିଲେ। ପରେ ବାଙ୍କୀ ସହକାରୀ ଜିଲ୍ଲାପାଳ ଦେବଦତ୍ତ ଦାଶ ସମସ୍ୟା ସଂପର୍କରେ ଅବଗତ ହେବା ସହ ଏହାର ସମାଧାନ ସଂପର୍କରେ ବୁଝାଇଥିଲେ ମଧ୍ୟ ଶିକ୍ଷକମାନେ ବୁଝିନଥିଲେ । ତତ୍ ସହିତ ସ୍ୱେଚ୍ଛାକୃତଭାବେ ୯୦ଜଣ ବି.ଏଲ୍.ଓ ଓ ୮ଜର ସୁପରଭାଇଜର ଆଜି ନିଜ କାର୍ଯ୍ୟରୁ ସମୂହ ଇସ୍ତଫା ପ୍ରଦାନ କରିଥିବା ଜଣାପଡିଛି। ଏଥିରେ ଶିକ୍ଷକ ପ୍ରଫୁଲ୍ଲ ବେହେରା, ପ୍ରଣବ ବେହେରା, ସତ୍ୟ ରଞ୍ଜନ ମିଶ୍ର, ଦିଲ୍ଲୀପ୍ କୁମାର ରାଉତ, ମାନସ କୁମାର ନନ୍ଦ, ଦାଶରଥି ପରିଡ଼ାଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟତ୍ରୀମାନେ ସାମିଲ ହୋଇଥିଲେ। ଉପଜିଲ୍ଲାପଳଙ୍କୁ ଏ ସଂପର୍କରେ ଯୋଗାଯୋଗ କରିଥିଲେ ମଧ୍ୟ ସେ ଘଟଣାକୁ ଖଣ୍ଡନ କରିଥିଲେ। ଯେ ପର୍ଯ୍ୟନ୍ତ ଏ ସମସ୍ୟାର ସମାଧାନ କରଯାଇନାହିଁ ସେ ପର୍ଯ୍ୟନ୍ତ ବି.ଏଲ.ଓ ଓ ସୁପରଭାଇଜରମାନେ କାର୍ଯ୍ୟରେ ଯୋଗଦେବେ ନାହିଁ ବୋଲି ଚେତାବନି ଦେଇଛନ୍ତି। ରାଜ୍ୟ ନିର୍ବାଚନ କମିଶନଙ୍କୁ ଏହି ସମସ୍ୟାକୁ ନେଇ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି।

ବାଆଁରାରେ ମାଇହାତୀର ମୃତ୍ୟୁ ସହ ଲଢ଼େଇ, ହର୍ପିସ ଭୂତାଣୁ ସନ୍ଦେହ?

ବାଙ୍କୀ,(ପିଏନ)-ଡମପଡ଼ା ବ୍ଲକ ବାଆଁରା ନିକଟ ଗୁରୁ କୃପାଳଜୀ ବିଶ୍ୱବିଦ୍ୟାଳୟ ଉପରଭାଗରେ ଥିବା ଚନ୍ଦକା -ଡମପଡ଼ା ଅଭାୟରଣ୍ୟ ନିକଟରେ ଗୋଟିଏ ମାଇହାତୀ କୌଣସି କାରଣ ବସତଃ ଅସୁସ୍ଥ ହୋଇ ଛଟପଟ ହେଉଥିବା ଅବସ୍ଥାରେ ଦେଖିବାକୁ ମିଳିଛି। ଖବରରୁ ପ୍ରକାଶ ଉକ୍ତ ହାତୀଟି ବିଳମ୍ବିତ ରାତିରେ ଜଙ୍ଗଲମଧ୍ୟରୁ ବାହାରି ଖାଦ୍ୟ ଅନ୍ୱେଷଣରେ ବାଆଁରା ଅଂଚଳରେ ବୁଲାବୁଲି କରୁଥିଲା। ତେବେ ସେ ଅସୁସ୍ଥ ହୋଇ ପଡିବାରୁ ଏକ ଜହ୍ନି ଫସଲ ମଧ୍ୟରେ ଅଚେତ ଅବସ୍ଥାରେ ପଡିଥିଲା। ସକାଳୁ ଫସଲ କରିଥିବା ଲୋକମାନେ କାମ କରିବା ପାଇଁ ଫସଲ ଜମି ଯାଇଥିବା ବେଳେ ହାତୀଟିକୁ ଦେଖିବାକୁ ପାଇଥିଲେ। ସ୍ଥାନୀୟ ଲୋକେ ଏ ସଂପର୍କରେ ବନବିଭାଗକୁ ଖବର ଦେଇଥିଲେ। ଡମପଡ଼ା -ଚନ୍ଦ୍ରକା ଅଭାୟରଣ୍ୟର ରେଞ୍ଜର ସଂଗ୍ରାମ କେଶରୀ ମହାନ୍ତି, ଚନ୍ଦକା ଡ.ଏଫ୍.ଓ କେଦାରନାଥ ସ୍ୱଇଁ ଓ ଡେପୁଟି ରେଞ୍ଜର ନିରଞ୍ଜନ ମହପାତ୍ର ଘଟଣା ସ୍ଥଳକୁ ଆସି ହାତୀର ଅବସ୍ଥା ଦେଖିଲା ପରେ ଓ.ୟୁ.ଏଟି ମେଡିକାଲ୍ ଟିମ୍ ର ପ୍ରଫେସର ନିରଞ୍ଜନ ସାହୁ ଓ ଆସାମରୁ ଆସିଥିବା ଡ.ମହନ୍ତ ହାତୀଟିର ଚିକିତ୍ସା କରିଥିବା ଜଣାପଡିଛି।

ଚର୍ଚ୍ଚିକାଙ୍କ ପୀଠରେ ଶାରଦୀୟପୂଜାର ପଞ୍ଚମ ପର୍ବ

ବାଙ୍କୀ,(ପିଏନ୍)-ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ରଚିକ ଗିରିରେ ଅବସ୍ଥାପିତ ମା'ଚର୍ଚ୍ଚିକାଙ୍କ ଶାରଦୀୟ ଦୁର୍ଗାପୂଜାର ପଞ୍ଚମ ପର୍ବ ପ୍ରାରମ୍ଭରିକ ରିତିନୀତିରେ ଆଜି ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଧାରିତ ସମୟରେ ମା'ଙ୍କର ପହଡ଼ ଖୋଲାଯିବା ପରେ ମଙ୍ଗଳଆଳତି, ପଞ୍ଚଅବକାଶ, ସହସଅ ଭୁମ୍ଭାଭିଷେକ, ମାଜଣା, ପଞ୍ଚମ ପର୍ବର ବେଶ, ସୁର୍ଯ୍ୟପୂଜା, ନବଶକ୍ତି କଳସ ପୂଜା ଆଦି ସମସ୍ତ ନୀତିକାନ୍ତି ସଂମ୍ପନ୍ନ ହୋଇଥିଲା। ବେଦାରେ ସ୍ଥାପିତ ନବଶକ୍ତି ସମ୍ପନ୍ନ କଳସ ନିକଟରେ ଛାମୁ ଚଣ୍ଡୀ ଓ ରାମାୟଣ ପାଠ କରାଯାଇଥିଲା। ଶାରଦୀୟ ପୂଜାର ପଞ୍ଚମ ପର୍ବରେ ଦେବୀଙ୍କୁ ମଧ୍ୟାହ୍ନ ଭୋଜନ (ଆମୀଷ ସହିତ)ଅର୍ପଣ କରାଯାଇ ବିଶ୍ରାମ ପାଇଁ ପହଡ଼ ବନ୍ଦ କରାଯାଇଥିଲା। ସନ୍ଧ୍ୟା ୪.୩୦ମିନିଟ ସମୟରେ ପହଡ ଖୋଲାଯାଇ ଆଳତୀ ଧୂପ ପରେ ଶ୍ରଦ୍ଧାଳୁ ଭକ୍ତଙ୍କ ଦର୍ଶନ ପାଇଁ ଦ୍ୱାର ଖୋଲା ରହିଥିଲା। ରାତ୍ର ଧୂପ , ଭୋଗ ଓ ମାଆଙ୍କ ବିଶ୍ରାମ ପାଇଁ ସବୁପ୍ରକାର ବ୍ୟବସ୍ଥା କରାଯାଇଥିବା ସେବାସୀମାନଙ୍କ ପକ୍ଷରୁ ପ୍ରକାଶ। ଓଡ଼ିଶାର ପ୍ରସିଦ୍ଧ ଶକ୍ତି ପୀଠମାନଙ୍କ ମଧ୍ୟରୁ ବାଙ୍କୀର ଚର୍ଚ୍ଚିକାଙ୍କ ପୀଠ ଏକ ସ୍ୱତନ୍ତ୍ରତା ବହନ କରିଥାଏ। ଏହି ପୀଠରେ ମୂଳାଷ୍ଟମୀ ଠାରୁ ଶାରଦୀୟ ପୂଜା ତନ୍ତ୍ରଶାସ୍ତ୍ର ଅନୁସାର ଅନୁଷ୍ଠିତ ହୋଇଥାଏ।

ବାଙ୍କୀରେ ପ୍ରିଲିନ୍ସ ଇଲୋକ୍ଟ୍ରୋନିକ୍ସ ନୂତନ ସୋରୁମ୍ ଉଦ୍‌ଘାଟିତ

ବାଙ୍କୀ,(ପିଏନ)-ବାଙ୍କୀରେ ପ୍ରିଲିନ୍ସ ଇ-ୱାର୍ଲ୍ଡ ନାମରେ ଏକ ନୂତନ ଇଲୋକ୍ଟ୍ରୋନିକ୍ସ ସୋରୁମ୍ ଉଦ୍ ଘାଟିତ ହୋଇଯାଇଛି। ବାଙ୍କୀ ଖୋର୍ଦ୍ଧା ରାସ୍ତାର ତଥା ବାଙ୍କୀ ବିଜୁଜନତା ଦଳ କାର୍ଯ୍ୟାଳୟ ସମ୍ମୁଖରେ ହୋଇଥିବା ଏହି ସୋ-ରୁମକୁ ବାଙ୍କୀର ପୂର୍ବତନ ବିଧାୟକପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ଏହାକୁ ଉଦ୍ ଘାଟନ କରିଥିଲେ ଅନ୍ୟମାନଙ୍କ ମଧ୍ୟରେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ପାଢୀ, ଯୁବନେତା ସନାତନ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ସୋରୁମ୍‌ରେ ମୋବାଇଲ୍ ଫୋନ ଠାରୁ ଆରମ୍ଭ କରି ଏଲ୍.ଇ.ଡି. ଟିଭି , ୱାସିଙ୍ଗମେସିନ୍ ପର୍ଯ୍ୟନ୍ତ ସମସ୍ତ ଘରୋଇ ଇଲୋକ୍ଟ୍ରୋନିକ୍ସ ଉପକରଣ ଉପଲବ୍ଧ ରହିଛି। ଅଂଚଳବାସୀଙ୍କ ସୁବିଧା ପାଇଁ ଜିରୋ ଶତକଡା ଋଣରେ ବିଭିନ୍ନ ଇଲୋକ୍ଟ୍ରୋନିକ୍ସ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ସୋରୁମର ମାଲିକ ପ୍ରିୟବ୍ରତ ମହାନ୍ତି ସୂଚନା ଦେଇଛନ୍ତି।

କାକଟପୁରର ପୂର୍ବତନ ବିଧାୟକ ବୃନ୍ଦାବନ ବାବୁ ଜଣେ ମଣିଷ ପରି ମଣିଷ ଥିଲେ

ଅମୀୟ କୁମାର ପଟ୍ଟନାୟକ

ମଣିଷ ଜନ୍ମ ନେଲେ ମୃତ୍ୟୁ ସୁନିଶ୍ଚିତ। ଏହାହିଁ ଚିରନ୍ତନ ସତ୍ୟ। କିନ୍ତୁ ମନୁଷ୍ୟ ତାର ମୃତ୍ୟୁ ପରେ ବି ବଞ୍ଚିରହେ ତାର କର୍ମ ନେଇ। ଏହି ଉକ୍ତିଟି ଯଥାର୍ଥରେ ଥିଲା ବୃନ୍ଦାବନ ବାବୁଙ୍କ ପାଖରେ। ସ୍ୱର୍ଗତ ବୃନ୍ଦାବନ ବାବୁ ୧୯୨୨ ମସିହା ଫେବୃୟାରୀ ମାସ ୨୧ ତାରିଖ ଦିନ ଗୋପ୍ ବ୍ଲକର ଦେସ୍ତଳୀ ପଞ୍ଚାୟତ ଦୁର୍ଗେଶ୍ୱରଗଡ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ବାପା ଓ ମାଆଙ୍କ ପାଖରେ ବାଲ୍ୟ ଜୀବନ ବିତାଇବା ପରେ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷାଲାଭ କରି ରେଭେନ୍ସା କଲେଜରେ ଡିଗ୍ରୀ ହାସଲ କରିଥିଲେ। ପିଲାଟି ବେଳରୁ ସମାଜ ସେବା ପ୍ରତି ତାଙ୍କର ପ୍ରବଳ ଆଗ୍ରହ ଥିଲା। ସେ ଥିଲେ ଜଣେ ମେଧାବୀ ଛାତ୍ର। ପାଠପଢା ସମୟରେ ଛାତ୍ରବୃତ୍ତି ପଇସାରେ ସେ ପାଠ ପଢୁଥିଲେ। ଶିକ୍ଷକ ଓ ଗୁରୁଜନମାନେ ସେଥିପାଇଁ ତାଙ୍କୁ ଅଧିକ ସ୍ନେହ ଓ ଶ୍ରଦ୍ଧା କରୁଥିଲେ। ନିମାପଡ଼ା ହାଇସ୍କୁଲରେ ପଢିବା ସମୟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଭବାନୀ ଚରଣ ପଟ୍ଟନାୟକଙ୍କର ସେ ଅନ୍ତରଙ୍ଗ ସହପାଠୀ ଥିଲେ। ପରବର୍ତ୍ତୀ ସମୟରେ ସ୍ୱାଧୀନତା ସଂଗ୍ରାମରେ ତତ୍‌କାଳୀନ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସହିତ ସମନ୍ୱୟ ରକ୍ଷାକରି ସମସ୍ତ କାର୍ଯ୍ୟରେ ସହଯୋଗ କରୁଥିଲେ। ପରବର୍ତ୍ତୀ ସମୟରେ ପୁରୀ ଜିଲ୍ଲାର ନୟାହାଟ ସ୍କୁଲର ସେ ପ୍ରଧାନ ଶିକ୍ଷକ ଥିଲେ। ୧୯୫୦ ମସିହାରେ କାକଟପୁର ଅସ୍ତରଙ୍ଗକୁ ପ୍ରଥମ ବସ୍ ଚଳାଚଳ ପାଇଁ ସେ ନେତୃତ୍ୱ ନେଇ ସଫଳ ହୋଇଥିଲେ। ୧୯୫୧ରେ ପୁରୀ ଜିଲ୍ଲାରେ ଓଡ଼ିଶାର ପ୍ରଥମ ପଞ୍ଜିକୃତ ମହିଳା ସମିତି ଗଠନ କରିଥିଲେ। ଏଥିରେ ସ୍ୱର୍ଗତ ପାତ୍ରଙ୍କ ସହଧର୍ମିଣୀ ଇଚ୍ଛାବତୀ ଦେବୀ ଏହାର ନେତୃତ୍ୱ ନେଇଥିଲେ ଯାହାକୁ ସ୍ୱର୍ଗତା ମାଳତୀ ଦେବୀ, ରମାଦେବୀ ପ୍ରମୁଖ ଏହି ମହିଳା ସମିତିଟିକୁ ଶୁଭ ଉଦ୍‌ଘାଟିତ କରିଥିଲେ। ସର୍ବୋଦୟ ନେତା ବିନୋବା ଭାବେ ଓ ଜୟ ପ୍ରକାଶ ନାରାୟଣଙ୍କ ଦ୍ୱାରା ଗଠିତ ଭୂଦାନ ଆନ୍ଦୋଳନରେ ଅନୁପ୍ରାଣୀତ ହୋଇ ସେହି ସମୟରେ ଭୂଦାନ ଆନ୍ଦୋଳନରେ ଯୋଗଦେଇ ରାଜା ରାଜୁଡ଼ାଙ୍କ ସମ୍ପତ୍ତି ଗରୀବ ଲୋକମାନଙ୍କୁ ବାଣ୍ଟିବାରେ ସହଯୋଗ କରୁଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ସମୟରେ ଅଭିଭକ୍ତ ପୁରୀ, ଗଞ୍ଜାମ ଜିଲ୍ଲାର ଭୂଦାନ ସମିତିର ସଂଯୋଜକ ଥିଲେ। ଏହା ସହିତ ସସ୍ତ୍ରୀକ ବରି ଆଶ୍ରମରେ ରମାଦେବୀ, ଅନ୍ନପୂର୍ଣ୍ଣା ମହାରଣାଙ୍କ ସହିତ ରହି ବିଭିନ୍ନ ସମାଜ ସେବା ମୂଳକ କାର୍ଯ୍ୟ କରୁଥିଲେ। ତତ୍‌କାଳୀନ କଂଗ୍ରେସ ନେତା ବିଜୁ ପଟ୍ଟନାୟକଙ୍କ ସହିତ କଂଗ୍ରେସ ଦଳରେ ଥାଇ। ୧୯୬୧ ଜାନୁୟାରୀ ୨୭ ରାରିଖରେ ବିଜୁ ବାବୁଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ବୃନ୍ଦାବନ ବାବୁ ଅବିଭକ୍ତ ପୁରୀ ଜିଲ୍ଲାର ସର୍ବ ବୃହତ୍ତ ଗୋପ ପଞ୍ଚାୟତ ସମିତିର ପ୍ରଥମ ଅଧ୍ୟକ୍ଷ ଥିଲେ। ଏହା ପରେ ୧୯୭୧ ଜାନୁୟାରୀ ୧୦ରୁ ୧୯୭୪ ମାର୍ଚ୍ଚ ୧୧ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ବାର ଅଧ୍ୟକ୍ଷ ରୂପେ ନିର୍ବାଚିତ ହୋଇଥିଲେ। ସେ ୧୯୭୧, ୭୪, ୭୭ରେ ତିନଥର୍ କାକଟପୁର ନିର୍ବାଚନ ମଣ୍ଡଳୀର ବିଧାୟକ ରୂପେ ପ୍ରତିଦ୍ୱନ୍ଦିତା କରି ୧୯୭୪ରେ କାକଟପୁରରୁ ଜନ କଂଗ୍ରେସ ବିଧାୟକ ରୂପେ ନିର୍ବାଚିତ ହୋଇ ୧୯୭୭ ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ତାଙ୍କ ବିଧାୟକ ସମୟରେ କାକଟପୁର ନିର୍ବାଚନ ମଣ୍ଡଳୀରେ ବହୁ ବିକାଶ ମୂଳକ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ବିଶେଷ କରି ରାସ୍ତାଘାଟ, ପୋଲ, ଶିକ୍ଷାନୁଷ୍ଠାନ ସ୍ଥାପନ କରିବା ସହିତ କୁଶଭଦ୍ରା ନଦୀର ସ୍ଥାୟୀ ବନ୍ଧ ଓ ଧନୁଆ ବନ୍ୟାର ପ୍ରତିକାର ପାଇଁ ବାରମ୍ବାର ସ୍ୱର ଉଠାଇ ଥିଲେ। ସହନ, କଣମଣ, ଓଳଙ୍ଗରକୁ ରାସ୍ତା ନିର୍ମାଣ ଏବଂ ବହୁ ଉଲ୍ଲେଖନୀୟ କାର୍ଯ୍ୟ ତାଙ୍କ ଦ୍ୱାରା କରାଯାଇଥିଲା। ମୋର ପିତା ସ୍ୱର୍ଗତ ଜଗନ୍ନାଥ ପଟ୍ଟନାୟକ ପୁରୀ ଜିଲ୍ଲା

ଏକାଦଶାହ ଉପଲକ୍ଷେ

ବୋର୍ଡ଼ରେ କାର୍ଯ୍ୟକାଳ ସମୟରେ ବୃନ୍ଦାବନ ବାବୁଙ୍କ ସହିତ ତାଙ୍କର ଖୁବ୍ ଘନିଷ୍ଠ ସମ୍ପର୍କ ଥିଲା। ଖାଲି ସେତିକି ନୁହେଁ ମୋର ଶ୍ୱଶୁର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଗଙ୍ଗାଧର ପଟ୍ଟନାୟକଙ୍କ ସହିତ ତାଙ୍କର ଘନିଷ୍ଠ ବନ୍ଧୁତ୍ୱ ରହିଥିଲା। ବୃନ୍ଦାବନ ବାବୁ ମୋ ବାପାଙ୍କୁ ଅତ୍ୟନ୍ତ ଭଲ ପାଉଥିଲେ। ଆମ ପରିବାର ସହିତ ତାଙ୍କର ଅତି ନିବିଡ ସମ୍ପର୍କ ଥିଲା। ମୁଁ ମଧ୍ୟ ଦୀର୍ଘ ୨୦ ବର୍ଷ ଧରି ବୃନ୍ଦାବନ ମଉସାଙ୍କଠାରୁ ରାଜନୀତି ଓ ସମାଜର ଗଠନ ମୂଳକ କାର୍ଯ୍ୟରେ ଅନେକ ନୀତିଶିକ୍ଷା ଲାଭ କରିଛି। ବୃନ୍ଦାବନ ବାବୁ ଜଣେ କୃଷି ଓ ସମବାୟ ବିତ୍ ଥିଲେ। ତେଣୁ ସେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟ, ପୁରୀ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି, ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା ପରିଷଦ ନିର୍ଦ୍ଦେଶକ ଥିଲେ। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କର ସେ ଅତି ନିକଟତର ଥିଲେ । ସେହି ସମୟରେ ଜିଲ୍ଲା ଓ ରାଜ୍ୟରେ ତାଙ୍କର ଯଥେଷ୍ଟ ପ୍ରଭାବ ଥିଲା। ମାନନୀୟା ନନ୍ଦିନୀ ଦେବୀ ବୃନ୍ଦାବନ ବାବୁଙ୍କ ଉପରେ ଅତୁଟ ବିଶ୍ୱାସ ରଖିଥିଲେ। ସେଥିପାଇଁ ଅନେକ ସମୟରେ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବାରେ ସେ ସକ୍ଷମ ହୋଇଥିଲେ। ସାମାଜିକ ଅନୁଷ୍ଠାନ ସହିତ ସେ ବିଶେଷ ଭାବେ ଜଡ଼ିତ ଥିଲେ। ସେ ଜଣେ ଦରଦୀ ଓ ଲୋକପ୍ରିୟ ନେତା ଥିଲେ। ଖଦି ବସ୍ତ୍ର ପରିଧାନ ଓ ସଦାସର୍ବଦା ପରିଷ୍କାର ପରିଚ୍ଛନ୍ନତା ତାଙ୍କର ଅତ୍ୟନ୍ତ ରୁଚି ଥିଲା। ଗାଁ ଗଣ୍ଡାଗୁଡ଼ିକରେ ଶିକ୍ଷା ଓ ଅର୍ଥନୈତିକ ବିକାଶ ପାଇଁ ସେ ସତତ ଉଦ୍ୟମ କରୁଥିଲେ। ଦୀର୍ଘ ୧୨ ବର୍ଷ ଧ

Bhubaneswar Friday September 27 ଭୁବନେଶ୍ୱର ଶୁକ୍ରବାର, ସେପ୍ଟେମ୍ବର ୨୭ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮

ସାଓମି ଇଣ୍ଡିଆ ପକ୍ଷରୁ ଏମ୍‌ଆଇ ଏୟାର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଏକ ନମ୍ବର ସ୍ମାର୍ଟଫୋନ୍ ଓ ସ୍ମାର୍ଟ ଟିଭି ବ୍ରାଣ୍ଡ, ସାଓମି ଆଜି ଏମ୍‌ଆଇ ଏୟାର ଘୋଷଣା କରିଛି, ଯାହା ବିଶ୍ୱର ସର୍ବୋଚ୍ଚ ରିଜୋଲ୍ୟୁସନ୍ କ୍ୟାମେରା ସଟ୍ ଅପ୍ ସହିତ ଆଣ୍ଡ୍ରଏଡ୍ ୱାନ୍ ପାୱାରଯୁକ୍ତ ଫୋନ୍‌ଗୁଡ଼ିକରେ ଅତ୍ୟାଧୁନିକ ସ୍ମାର୍ଟଫୋନ୍। ଏହା ଏମ୍‌ଆଇ ଏ୨ର ଉତ୍ତର ପିଢ଼ି, ଯାହା ପୂର୍ବରୁ ବିଶ୍ୱର ଏକ ନମ୍ବର ଆଣ୍ଡ୍ରଏଡ୍ ୱାନ୍ ସ୍ମାର୍ଟଫୋନ୍ ଭାବରେ ରହିଆସିଛି। ଏମ୍‌ଆଇ ଏୟାର ତିନୋଟି ରଙ୍ଗ କାଇଣ୍ଡ ଅଫ୍ ଗ୍ରେ, ନଟ୍ ଜଷ୍ଟ ବ୍ଲୁ ଓ ମୋର୍ ଦ୍ୟାନ୍ ହ୍ୱାଇଟ୍‌ରେ ଉପଲବ୍ଧ ହେଉଛି। ୪ଜିବି+୬୪ଜିବି ଭ୍ୟାରିଆଣ୍ଟ ମାତ୍ର ୧୨,୯୯୯ ଟଙ୍କାରେ ଓ ୬ଜିବି+୧୨୮ଜିବି ଭ୍ୟାରିଆଣ୍ଟ ମାତ୍ର ୧୫,୯୯୯ ଟଙ୍କାରେ ଉପଲବ୍ଧ ହେଉଛି। ଏମ୍‌ଆଇ ଏୟାର ଅଗଷ୍ଟ ୨୩ ମଧ୍ୟାହ୍ନ ୧୨ରୁ ଏମ୍‌ଆଇ.କମ୍, ଆମାଜୋନ୍ ଓ ଏମ୍‌ଆଇ ଷ୍ଟୋର୍‌ମାନଙ୍କରେ ଉପଲବ୍ଧ ହେଉଛି। ଏହା ମଧ୍ୟ ଅତିଶୀଘ୍ର ଅଫ୍‌ଲାଇନ୍ ଷ୍ଟୋର୍‌ମାନଙ୍କରେ ଉପଲବ୍ଧ ହେବ । ଏମ୍‌ଆଇ ଏୟାର ଏମ୍‌ଆଇ ଏ ସିରିଜ୍‌ର ଡିଜାଇନ୍‌ରେ ପରିବର୍ତ୍ତନ ଆଣିଛି। ଫଙ୍କ୍‌ସନାଲ୍ ଦୃଷ୍ଟିକୋଣକୁ ଆଖିରେ ରଖି ଏହା ଏକ ନୂତନ ଡିଜାଇନ୍ ଆଣିଛି, ଯାହା ଏମ୍‌ଆଇ ଏ୨କୁ ଏହି ସେଗ୍‌ମେଣ୍ଟରେ ସର୍ବୋତ୍କୃଷ୍ଟ ଫୋନ୍‌ମାନଙ୍କ ମଧ୍ୟରୁ ଗୋଟିଏ ଭାବେ ପରିଚିତ କରାଇଛି। ୧୨,୯୯୯ ଟଙ୍କାରେ ଆରମ୍ଭ ହେଉଥିବା ଏହି ସ୍ମାର୍ଟଫୋନ୍ କ୍ୱାଲକମ୍ ସ୍ନାପ୍‌ଡ୍ରାଗନ୍ ୬୬୫ ଚିପ୍‌ସେଟ୍, ଏକ ସୁପର୍ ଆମୋଲିଡ଼୍ ଡିସ୍‌ପ୍ଲେ, ଏକ ବିଶାଳ ୪୦୩୦ ଏମ୍‌ଏଏଚ୍ ବ୍ୟାଟେରୀ, ୪୮ ଏମ୍‌ପି ଟ୍ରିପଲ୍ କ୍ୟାମେରା ସେଟ୍‌ଅପ୍ ଓ ଏକ ଇନ୍‌ସ୍କ୍ରିନ୍ ଫିଙ୍ଗର ସ୍କାନର୍ ଭଳି ବୈଶିଷ୍ଟ୍ୟ ପ୍ରଦାନ କରୁଛି। ପ୍ରତ୍ୟେକ ଏମ୍‌ଆଇ ଏ ସିରିଜ୍ ସ୍ମାର୍ଟଫୋନ୍ ପରି ଏମ୍‌ଆଇ ଏୟାର ମଧ୍ୟ ଗୁଗୁଲ୍‌ର ଆଣ୍ଡ୍ରଏଡ୍ ୱାନ୍ ପ୍ରକଳ୍ପ ଦ୍ୱାରା ପରିଚାଳିତ ଏବଂ ବକ୍ସ ବାହାରେ ଏହା ଆଣ୍ଡ୍ରଏଡ୍ ୯ପାଇକୁ ଚଳାଏ। ରଘୁ ରେଡ୍ଡି, କାଟାଗୋରୀ ଆଣ୍ଡ ଅନ୍‌ଲାଇନ୍ ସେଲ୍ସ ମୁଖ୍ୟ, ସାଓମି ଇଣ୍ଡିଆ ପ୍ରକାଶ କରିଛନ୍ତି, 'ଏମ୍‌ଆଇ ଏୟାର ସହିତ ଆକର୍ଷଣୀୟ ବୈଶିଷ୍ଟ୍ୟମାନ ଥିବା ଆଉ ଏକ ଆଣ୍ଡ୍ରଏଡ୍ ୱାନ୍ ଫୋନ୍‌ର ଶୁଭାରମ୍ଭ କରି ଆମେ ଆମର ଏମ୍‌ଆଇ ପ୍ରଶଂସକମାନଙ୍କୁ ଉତ୍ସାହିତ କରିଛୁ। ଏମ୍‌ଆଇ ଏୟାର ବିଭିନ୍ନ ଅଭିନବ ବୈଶିଷ୍ଟ୍ୟମାନଙ୍କ ମଧ୍ୟରେ ରହିଛି ଏକ ୪୮ ଏମ୍‌ପି ଆଇଏମ୍‌ଏକ୍ସ୫୮୬ ସେନ୍ସର୍ ଥିବା ପଛର ଟ୍ରିପଲ୍ କ୍ୟାମେରା।' ଜନ୍ ଗୋଲ୍ଡ, ପାର୍ଟନର୍ ପ୍ରୋଗ୍ରାମ୍ ନିର୍ଦ୍ଦେଶକ, ଗୁଗୁଲ୍ କହିଛନ୍ତି, 'ଏହି ବର୍ଷ ଆଣ୍ଡ୍ରଏଡ୍ ୱାନ୍ ଶୃଙ୍ଖଳରେ ଏକ ବୃହତ୍ ଡିଭାଇସ୍ ସଂଯୋଗ କରିବା ପଇଁ ସାଓମି ସହିତ ଆମର ସହବନ୍ଧିତାକୁ ସଂପ୍ରସାରିତ କରି ଆମେ ଖୁବ୍ ଉତ୍ସାହିତ।' ସେ ଆଉ ମଧ୍ୟ କହିଛନ୍ତି ଯେ, 'ସମସ୍ତ ନୂତନ ଏମ୍‌ଆଇ ଏୟାର ଏକ ଅପ୍-ଟୁ-ଡେଟ୍ ତଥା ସହଜରେ ବ୍ୟବହାର କରିହେଉଥିବା ଏକ ସଫ୍ଟୱୟାର୍ ଅନୁଭୂତି ପ୍ରଦାନ କରିବ, ଯେଉଁଥିରେ ରହିଛି ବ୍ୟବହାରକାରୀଙ୍କୁ ସବୁବେଳେ ସୁରକ୍ଷିତ ରଖୁଥିବା ଇନ୍‌ବିଲ୍ଟ ମଲ୍‌ୱୟାର୍ ପ୍ରୋଟେକ୍ସନ୍ ଓ ନିୟମିତ ସିକ୍ୟୁରିଟି ଅପ୍‌ଡେଟ୍।'

ମଧୁମେହ ଜନିତ ଅନ୍ଧତ୍ୱ ସଚେତନତା

ପୁରୀ: ପୁରୀ ସମୁଦ୍ରକୂଳ ଠାରେ ମଧୁମେହ ଜନିତ ଅନ୍ଧତ୍ୱ ଦୂରିକରଣ ସଂପର୍କରେ ଏକ ସଚେତନତା ପଦଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମଧୁମେହ ହେଲେ କିପରି ଆଖି ନଷ୍ଟ ହୁଏ ଓ ତାହାର କିପରି ଦୂରୀକରଣ କରାଯିବ, କେଉଁ ଖାଦ୍ୟ ଖାଇବ, କିପରି ଆଖି ଚିକିତ୍ସା କରିବ, ମଧୁମେହ ସଂପର୍କରେ କିପରି ସଚେତନ ହେବ ସେ ସଂପର୍କରେ ଡାକ୍ତରମାନେ ବୁଝାଇବା ସହ ସଚେତନ କରିଥିଲେ । ଚକ୍ଷୁର ଯତ୍ନ କିପରି ନେଲେ ଏହା ଦୀର୍ଘସ୍ଥାୟୀ ହୋଇପାରିବ ସେ ସଂପର୍କରେ ଅଧିକ ପ୍ରଚାରର ଆବଶ୍ୟକତା ରହିଛି । ଏହି ସଚେତନତା ଯାତ୍ରାକୁ ଶ୍ରୀଜଗନ୍ନାଥ ଧାମ ରୋଟାରୀକ୍ଲବ, ଇନରହୁଇଲ କ୍ଲବ, ଭାରତୀୟ ଭେଷଜ ସଂଘ ଦ୍ୱାରା ଆୟୋଜିତ କରାଯାଇଥିଲା । ୱାର୍କସ କ୍ଲବ ପୁରୀ ଏଥିରେ ସହଯୋଗ କରିଥିଲା । ଅନ୍ୟମାନଙ୍କ ମଧ୍ୟରେ ରୋଟାରୀକ୍ଲବର ସଭାପତି ରୋଟାରୀଆନ୍ ପ୍ରଦୀପ କୁମାର ନାୟକ, ସଭ୍ୟ ଦେବଦତ ଷଡଙ୍ଗୀ, ଦେବରାଜ ପ୍ରଧାନ, ଡାକ୍ତର ବରେନ୍ ପଟ୍ଟନାୟକ, ଇନରହୁଇ କ୍ଲବର ସଭାପତି ଝରଣା ନାୟକ ଓ ସଂପାଦକ ନୀତୁ ଷଡଙ୍ଗୀ, ଡାକ୍ତର ବାମଦେବ ମହାନ୍ତି, ବାନାମ୍ବର ସେନାପତି ପ୍ରମୁଖ ଯୋଗଦେଇଥିଲେ ।

ଆଇଟେଲ୍ ପକ୍ଷରୁ ଏ୪୬ ସ୍ମାର୍ଟଫୋନ୍ ଉପରେ ପୂଜା ରିହାତି

ଭୁବନେଶ୍ୱର : ଆଇଟେଲ୍ ସ୍ମାର୍ଟଫୋନ୍ ଉପଭୋକ୍ତାଙ୍କ ସଂଖ୍ୟା ୫ କୋଟିରୁ ଅଧିକ ହେବା ସହ ଭାରତରେ ସେ ନିଜର ସ୍ଥିତି ସୁଦୃଢ କରିବାରେ ସକ୍ଷମ ହୋଇଛି। ଆଇଟେଲ୍ ଗତ ତିନି ବର୍ଷ ମଧ୍ୟରେ ନିଜ ଗ୍ରାହକଙ୍କୁ ଉପଯୁକ୍ତ ମୂଲ୍ୟରେ ଉତ୍କୃଷ୍ଟ ସେବା ମାନ ପ୍ରଦାନ କରିଆସିଛି। ଏହି ଉପଲବ୍ଧି ପାଳନ କରିବା ଉଦ୍ଦେଶ୍ୟରେ କମ୍ପାନୀ ଗ୍ରାହକ ମାନଙ୍କୁ କିଛି ନୂତନ ଅଫର୍ ମାନ ପ୍ରଦାନ କରିଛି। ଯେଉଁଥିରେ ଗ୍ରାହକ ମାନଙ୍କୁ ଏ୪୬ରେ ଉପଲବ୍ଧ ଥିବା ୨ଜିବି + ୧୬ଜିବି କୁ ବୃଦ୍ଧି କରି ୨ଜିବି + ୩୨ ଜିବି କରିଛି ଯାହାର ମୂଲ୍ୟ ମାତ୍ର ୪୯୯/- ଟଙ୍କା। ଏହା ସହିତ ପ୍ରତ୍ୟେକ ସ୍ମାର୍ଟ ଫୋନ୍‌ରେ ଓରାଇମୋ ଇଅର୍‌ଫୋନ୍ ଓ ପ୍ରୋଟେକ୍ଟିବ୍ ସିଲିକନ୍ ବ୍ୟାକ୍ କଭର୍ ସମ୍ପୂର୍ଣ୍ଣ ମାଗଣା। ଏହି ଅବସରରେ ଭାରତରେ ଆଇଟେଲ୍‌ର ମୂଖ୍ୟ କାର୍ଯ୍ୟକାରୀ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଅରିଜିତ୍ ତାଲାପାତ୍ର କହିଛନ୍ତି ଯେ,'ଗ୍ରାହକଙ୍କୁ ୫୦୦୦/-ରୁ କମ୍ ମୂଲ୍ୟରେ ନୂତନ ବୈଶିଷ୍ଟ ଓ ଆକର୍ଷଣୀୟ ଯୁକ୍ତ ସ୍ମାର୍ଟଫୋନ୍ ପ୍ରଦାନକରି ଆମେ ଏକ ଅଗ୍ରଣୀ କମ୍ପାନୀ ଭାବରେ ପରିଚୟ ସୃଷ୍ଟ କରିଛୁ। ଏହି ପୂଜା ଅବସରରେ ଗ୍ରାହକଙ୍କୁ ଏ୪୬ ସ୍ମାର୍ଟଫୋନ୍‌ରେ ୨ଜିବି + ୩୨ ଜିବିର ସୁବିଧା ସହ ଓରାଇମୋ ଇଅର୍‌ଫୋନ୍ ଓ ପ୍ରୋଟେକ୍ଟିବ୍ ସିଲିକନ୍ ବ୍ୟାକ୍ କଭର୍ ସମ୍ପୂର୍ଣ୍ଣ ମାଗଣା ଗ୍ରାହକ ମାନଙ୍କୁ ଆକର୍ଷିତ କରିବ ବୋଲି ଆଶା କରାଯାଉଛି।' ଏ୪୬ ଅପ୍‌ଗ୍ରେଡ୍ ଭର୍ସନ୍‌ରେ ରହିଛି କେତେକ ନୂତନ ବୈଶିଷ୍ଟ ଯେପରି : ଏଆଇ ଡୁଆଲ୍ କ୍ୟାମେରା, ଡୁଆଲ୍ ସିକ୍ୟୁରିଟି ଫିଚର୍ - ଫିଙ୍ଗର୍ ପ୍ରିଣ୍ଟ ସେନ୍‌ସର ଓ ଫେସ୍ ଅନ୍‌ଲକ୍, ୧୩.୮୪ ସିଏମ୍ ଏଚ୍‌ଡି + ଆଇପିଏସ୍ ଫୁଲ୍ ସ୍କ୍ରିନ୍, ଡୁଆଲ୍ ୪ଜି ଭୋଲ୍ଟ, ୨ଜିବି ରାମ୍ ଓ ୩୨ଜିବି ଏକ୍ସଟ୍ରନାଲ୍ ମେମୋରି ଏହି ସବୁ ସବୁଧା ଗ୍ରାହକ ମାନଙ୍କୁ ପୂଜା ଅଫର୍‌ରେ ମିଳିବ।

ନୂତନ ବିଏମଡ଼ବ୍ଲ୍ୟୁ ୩ ସିରିଜ୍‌ର ଶୁଭାରମ୍ଭ

ଭୁବନେଶ୍ୱର: ସମ୍ପୂର୍ଣ୍ଣ ନୂତନ ବିଏମଡବ୍ଲ୍ୟୁ ୩ ସିରିଜ୍, ବିଶ୍ୱର ସବୁଠାରୁ ଅଗ୍ରଣୀ ଆଇକନିକ ସ୍ପୋର୍ଟସ ସେଦାନର କ୍ଷମତାଶାଳୀ ସପ୍ତମ ଜେନେରେସନ, ଆଜି ଗୁରୁଗ୍ରାମରେ ଥ୍ରିଲ୍ ସିଟିରେ ଶୁଭାରମ୍ଭ କରାଯାଇଛି । ଆଞ୍ଚଳିକ ରୂପେ ବିଏମଡବ୍ଲ୍ୟୁ ଗ୍ରୁପ୍ ପ୍ଲାଣ୍ଟ ଚେନ୍ନାଇରେ ଉତ୍ପାଦିତ ହେଉଥିବା ସମ୍ପୂର୍ଣ୍ଣ ନୂତନ ବିଏମଡବ୍ଲ୍ୟୁ ୩ ସିରିଜ୍ ବର୍ତ୍ତମାନ ସମ୍ପୂର୍ଣ୍ଣ ଭାରତରେ ଡ଼ିଜେଲ ଏବଂ ପେଟ୍ରୋଲ ଭାରିଆଣ୍ଟରେ ସମସ୍ତ ବିଏମଡବ୍ଲ୍ୟୁ ଡ଼ିଲରସିପ ଗୁଡ଼ିକରେ ଉପଲବ୍ଧ ହେଉଛି । ଏହି ଅବସରରେ ବିଏମଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର, ସିଇଓ, ଶ୍ରୀଯୁକ୍ତ ରୁଦ୍ରତେଜ୍ ସିଂ କହିଛନ୍ତି ଯେ, 'ବିଏମଡବ୍ଲ୍ୟୁ ୩ ସିରିଜ୍ ଏକ ଅଲ୍ଟିମେଟ ସ୍ପୋର୍ଟସ ସେଦାନ୍ ହିସାବରେ ଚାରି ବର୍ଷରୁ ଅଧିକ ଦସନ୍ଧିଧରି ସିୟର ଡ୍ରାଇଭିଂ ପ୍ଲେଜର ରହିଆସିଛି । ଏହାର ନୂତନ ବୈଶିଷ୍ଟ୍ୟ ସହ ଏହି ୩ ପୁଣିଥରେ ନିଜକୁ ପ୍ରମାଣିତ କରିପାରିଛି ! ନୂତନ ଡ଼ିଜାଇନ, ଅଧିକ ସ୍ଥାନ, ଉନ୍ନତ ଆଭ୍ୟ'ର ଏବଂ ଏପରିକି ପରିଚାଳନା ଏହାକୁ ଅଧିକ ଉତ୍କୃଷ୍ଟ କରିପାରିଛି । ରୋମାଞ୍ଚକ ଅନୁଭୂତି ପାଇଁ ପ୍ରସ୍ତୁତ ସମ୍ପୂର୍ଣ୍ଣ ନୂତନ ବିଏମଡବ୍ଲ୍ୟୁ ୩ ସିରିଜ୍ ଚାଳକ କୈନ୍ଦ୍ରିକ ଜ୍ଞାନକୌଶଳରେ ସମୃଦ୍ଧ ଯାହାକି ଅତୁଳନୀୟ ଚାଳନା ଅନୁଭୂତି ପ୍ରଦାନ କରେ ଏବଂ ଏଥିରେ ଥିବା ଅଟୋମୋବାଇଲ ରାସ୍ତାର ପ୍ରତ୍ୟକ୍ଷ ଘଟଣାର ସୂଚନା ପ୍ରଦାନ କରେ । ଶୁଭାରମ୍ଭ ପାଇଁ ସ୍ୱତନ୍ତ୍ର ରୂପେ ତିଆରି ହୋଇଥିବା ଉକ୍ତ ଗାଡ଼ି ଉଚ୍ଚ ସହରୀକରଣ, ଉନ୍ନତ ଏବଂ ସମ୍ପୂର୍ଣ୍ଣ ନୂତନ ବିଏମଡବ୍ଲ୍ୟୁ ୩ ସିରିଜ୍‌ର ବ୍ୟକ୍ତିତ୍ୱକୁ ପ୍ରଦର୍ଶନ କରୁଛି ।'ସମ୍ପୂର୍ଣ୍ଣ ନୂତନ ବିଏମଡବ୍ଲ୍ୟୁ ୩ ସିରିଜ୍ ଦୁଇଟି ଡ଼ିଜେଲ ଭାରିଆଣ୍ଟରେ ଶୋରୁମ ମୂଲ୍ୟ ଯଥାକ୍ରମେ ବିଏମଡବ୍ଲ୍ୟୁ ୩୨୦ଡି ସ୍ପୋର୍ଟ ମାତ୍ର ୪୧,୪୦,୦୦୦ ଟଙ୍କାରେ ଏବଂ ବିଏମଡବ୍ଲ୍ୟୁ ୩୨୦ଡି ଲକ୍ସୁରୀ ଲାଇନ୍ ମାତ୍ର ୪୬,୯୦,୦୦୦ ଟଙ୍କାରେ ଉପଲବ୍ଧ ହେଉଥିବାବେଳେ ଏହାର ପେଟ୍ରୋଲ ଭାରିଆଣ୍ଟ ବିଏମଡବ୍ଲ୍ୟୁ ୩୩୦ଆଇ ସ୍ପୋର୍ଟର ଶୋରୁମ ମୂଲ୍ୟ ଯଥାକ୍ରମେ ୪୭,୯୦,୦୦୦ଟଙ୍କା ରହିଛି ଯାହାକି ଆଞ୍ଚଳିକ ରୂପେ ଉତ୍ପାଦିତ ହେଉଛି ।

ବାଟଲା ହାଉସ୍ ଏବଂ ସୁପର ୩୦ର ଅଭିନେତ୍ରୀ ମୃଣାଲ ଠାକୁର ନିଜ ଫିଟ୍‌ନେସ୍‌ର ଶ୍ରେୟ ହ୍ରିତିକ ରୋଶନ ଏବଂ ଜନ୍ ଆବ୍ରାହମଙ୍କୁ ଦେଇଛନ୍ତି

ଭୁବନେଶ୍ୱର : ସୁନ୍ଦରୀ ଅଭିନେତ୍ରୀ ମୃଣାଲ ଠାକୁର ଯିଏକି ବାଟଲା ହାଉସ୍ ଏବଂ ସୁପର ୩୦ ହିନ୍ଦି ଚଳଚ୍ଚିତ୍ର ମାଧ୍ୟମରେ ସଫଳତାର ଶୀର୍ଷରେ ପହଂଚିଛନ୍ତି । ନିଜର ଅଭିନୟ କୌଶଳ ଏବଂ ନିଖୁଣ ତ୍ୱଚା ପାଇଁ ପ୍ରଶଂସାର ପାତ୍ରି ହୋଇଛନ୍ତି । ଟାଟା ସ୍କାଏ ଫିଟ୍‌ନେସ୍‌ର ଫିଟ ଏବଂ ଫେମସ ଚାଟ୍ ସୋ ରେ ମୃଣାଲ ଠାକୁର ନିଜର ଫିଟନେସର ସିକ୍ରେଟ ବିଷୟରେ ସୁଚନା ଦେଇଛନ୍ତି ଏବଂ କିଭଳି ହ୍ରିତିକ ରୋଶନ ଏବଂ ଜନ୍ ଆବ୍ରାହମ ତାଙ୍କ ପରି ଦୀର୍ଘମିଆଦି ସ୍ୱାସ୍ଥ୍ୟ କୁ ଆପଣେଇବା ପାଇଁ ପରାମର୍ଶ ଦେଇଛନ୍ତି । ନିଜର ଫିଟନେସ ବିଷୟରେ ସୁଚନା ଦେଇ ମୃଣାଲ ଠାକୁର କହିଛନ୍ତି ଯେ ସୁଟିଙ୍ଗ ସେଟରେ ବ୍ୟସ୍ତ ଥାଇ ମଧ୍ୟ ସେ କିଭଳି ନିଜର ଖାଦ୍ୟ ପେୟରେ ସଂନ୍ତୁଳନ ରକ୍ଷା କରନ୍ତି ଏବଂ ସେ ଆହୁରି ମଧ୍ୟ କହିଛନ୍ତି ଯେ ହ୍ରିତିକ ରୋଶନ ଏବଂ ଜନ୍ ଆବ୍ରାହମ ଦୁଇଜଣ ଗୋଟିଏ ମନ୍ତ୍ର କୁ ପାଳନ କରିଥାନ୍ତି- ଖାଦ୍ୟପେୟ ଫିଟନେସର ମୁଖ୍ୟ ଆବଶ୍ୟକୀୟ ଅଂଶ ଅଟେ । ସେ ମଧ୍ୟ ସୁଟିଙ୍ଗ ସେଟରେ ଜାଣିବାକୁ ପାଇଲେ ହ୍ରିତିକ ରୋଶନ ନିଜର ଫିଟନେସ ପାଇଁ ଖୁବ ସମର୍ପିତ ସୁପର ୩୦ରେ କାର୍ଯ୍ୟ କରୁଥିବା ବେଳେ ତାଙ୍କୁ ୭କେଜି ଓଜନ କମାଇବାର ଥିଲା ଏବଂ ସେଥିପାଇଁ ସେ ସିଝା ବ୍ରୋକୋଲି ଏବଂ ଚିକେନ ବିନା ଲୁଣରେ ଖାଉଥିଲେ । ଯେତେବେଳେ ସେ ଟାଇମ ପାଉଥିଲେ ସଙ୍ଗେ ସଙ୍ଗେ ସେ ଜିମ୍‌ରେ ଯୋଗ ଦେଉଥିଲେ । ତାଙ୍କର ନିଜର ଫିଟନେସ ପ୍ରତି ସମର୍ପଣ, ମତେ ବେଶ୍ ପ୍ରଭାବିତ କରିଥିଲା ତାଙ୍କ ପରି ହେବାକୁ । ଏହା ଛଡା ମୃଣାଲ ଠାକୁର ଆହୁରି ମଧ୍ୟ କହିଛନ୍ତି ବାଟଲା ହାଉସ୍‌ରେ ନିଜର ସହଯୋଗୀ ଷ୍ଟାର ଜନ୍ ଆବ୍ରାହମ ସବୁବେଳେ ସୁଟିଙ୍ଗ ସେଟରେ ବହୁତ ଗୁଡିଏ ଫିଟନେସ ଟିପସ୍ ଦେଇଥାନ୍ତି । ଏହି ଦୁଇ ଜଣ ଙ୍କ ଠାରୁ ଫିଟନେସ୍ ବାବଦରେ ଏକ ଗୁରୁତ୍ୱପୂର୍ଣ୍ଣ ଟିପସ୍ ପାଇଲି ଯେ ଫିଟନେସ ପାଇଁ ସବୁବେଳେ ଭଲ ଏବଂ ସୁଷମ ଖାଦ୍ୟ ଖାଇବା ଜରୁରି ଅଟେ । ଆସନ୍ତା ୧ ସେପ୍ଟେମ୍ବର ୨୦୧୯ ରେ ମୃଣାଲ ଠାକୁର ଙ୍କ ଇଂଟରଭ୍ୟୁ ଟାଟା ସ୍କାଏ ଫିଟନେସ ସେସନରେ ପ୍ରସାରିତ ହେବ । ଏହାଛଡା ଟାଟା ସ୍କାଏ ମୋବାଇଲ ଆପ ମାଧ୍ୟମରେ ମଧ୍ୟ କୌଣସି ଠାରେ କୌଣସି ସମୟରେ ଫିଟନେସ ବାବଦରେ ତଥ୍ୟ ପାଇପାରିବେ ।

ଭୁବନେଶ୍ୱର ଫେରିଲା ରେଡ୍ ଏଫ୍‌ଏମର କଲେଜ କେ ଟସନବାଜ୍

ଭୁବନେଶ୍ୱର: ଭାରତର ସର୍ବବୃହତ ତଥା ସର୍ବାଧିକ ପୁରସ୍କାର ପାଇଥିବା ୯୩.୫ ରେଡ୍ ଏଫ୍‌ଏମ୍ ପୁଣି ଥରେ ଭୁବନେଶ୍ୱରକୁ ଫେରାଇ ଆଣିଛି 'କଲେଜ କେ ଟସନବାଜ୍' କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମ ଜରିଆରେ କଂପାନି କଲେଜର ଶ୍ରେଷ୍ଠ ପ୍ରତିଭାମାନଙ୍କ ପ୍ରସାର କରୁଛି। ଏହି ଅଭିଯାନ ୨୭ଟି ସହରର ବିଭିନ୍ନ କଲେଜରେ ଅନୁଷ୍ଠିତ ହେବ। ରେଡ୍ ଏଫ୍‌ଏମ୍ ପକ୍ଷରୁ ଦ୍ୱିତୀୟ ଶ୍ରେଣୀ ସହରର କଲେଜ ଛାତ୍ରଛାତ୍ରୀଙ୍କୁ ସାରା କଲେଜ ସମ୍ମୁଖରେ ସେମାନଙ୍କ ନୃତ୍ୟ, ଗୀତ ଏବଂ ଅଭିନୟ ପ୍ରତିଭାକୁ ପ୍ରଦର୍ଶନ କରିବାର ସୁଯୋଗ ପ୍ରଦାନ କରିବ। ରେଡ୍ ଏଫ୍‌ଏମର ମୋବାଇଲ୍ ସେଂଟର ପ୍ରତି ସହରର ଶ୍ରେଷ୍ଠ ୧୦-୧୫ କଲେଜରେ ପହଂଚି ବିଚାରକ ମଣ୍ଡଳୀଙ୍କ ସାମ୍ନାରେ ଶତାଧିକ ଛାତ୍ରଛାତ୍ରୀଙ୍କ ଅଡିସନ କରାଉଛି। ଛାତ୍ରଛାତ୍ରୀମାନେ ଏସଏମଏସ ଜରିଆରେ ପଂଜୀକରଣ କରିପାରିବେ ଏବଂ ସେମାନଙ୍କ ପ୍ରତିଭା, ଷ୍ଟେଜ୍ ଉପରେ ଅଭିନୟ ଓ ଏକ୍ସ ଫ୍ୟାକ୍ଟରକୁ ନେଇ ସେମାନଙ୍କୁ ଚୟନ କରାଯିବ। ଏହି ଅଭିଯାନରେ କଂପାନି ପକ୍ଷରୁ ଭୁବନେଶ୍ୱର ସମେତ ଦେଶର ପ୍ରମୁଖ ସହର ଯଥା ଭୋପାଳ, ଅମୃତସର, ଲକ୍ଷ୍ନୌ, କାନପୁର, ବାରାଣାସୀ, ଡେରାଡୁନ, ଆହ୍ମଦାବାଦ, ଜୟପୁର, ଯୋଦ୍ଧପୁର, ସିଲିଗୁଡ଼ି, ଆସାନସୋଲ, ଗୌହାଟି, ପାଟନା, ଜାମସେଦପୁର, ଅହମ୍ମଦାବାଦ, ସୁରଟ, ବରୋଦା, ରାଜକୋଟ, ପୁନେ, ନାଗପୁର, ନାସିକ, ଔରଙ୍ଗାବାଦ ଓ ଜମ୍ମୁରେ ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ଚୟନ କରାଯିବ। ଏହି ଅଭିଯାନ ସଂପର୍କରେ ମିସ୍ ନିଶା ନାରାୟଣନ, ସିଓଓ ଓ ନିର୍ଦ୍ଦେଶିକା, ରେଡ୍ ଏଫ୍‌ଏମ୍ ଓ ମ୍ୟାଜିକ୍ ଏଫ୍‌ଏମ୍ କହିଛନ୍ତି ଯେ, 'ରେଡ୍‌ଏଫ୍ ହେଉଛି ଏକ ଯୁବ କୈନ୍ଦ୍ରୀକ ବ୍ରାଣ୍ଡ ଏବଂ ଏହି ଅଭିଯାନ ସେମାନଙ୍କ ସହିତ କଂପାନିର ସମ୍ପର୍କକୁ ଆହୁରି ଦୃଢ଼ କରିବ।

ମୋଟୋରୋଲା ୱାନ୍ ଆକ୍ସନ୍‌ର ଶୁଭାରମ୍ଭ

ଭୁବନେଶ୍ୱର: ମୋଟୋରୋଲା ପକ୍ଷରୁ ଭାରତରେ ଏହାର ମୋଟୋରୋଲା ୱାନ୍ ଆକ୍ସନ୍‌ର ଉପଲବ୍ଧତା ଘୋଷଣା କରାଯାଇଛି । ମୋଟୋରୋଲା ପରିବାରରେ ହୋଇଥିବା ଏହି ନୂତନ ସଂଯୋଗ, ଗ୍ରାହକମାନଙ୍କୁ ସେମାନଙ୍କ ଦୁନିଆକୁ କ୍ୟାପ୍‌ଚର୍ କରିବାକୁ ଓ ଏହାକୁ ଏକ ବୃହତ ସ୍କ୍ରିନ୍‌ରେ ଦେଖିବା ନିମନ୍ତେ ସୁଯୋଗ ପ୍ରଦାନ କରୁଛି। ମୋଟୋରୋଲା ୱାନ୍ ଆକ୍ସନ୍ ବ୍ୟବହାରକାରୀଙ୍କୁ ଏକ ସ୍ମାର୍ଟ ଓ ସୁରକ୍ଷିତ ଆଣ୍ଡ୍ରଏଡ୍ ୱାନ୍ ସଫ୍ଟୱୟାର ଅନୁଭୂତି ପ୍ରଦାନ କରୁଛି। ମୋଟୋରୋଲା ୱାନ୍ ଆକ୍ସନ୍‌ର ଆକର୍ଷଣୀୟ ଡେନିମ୍ ବ୍ଲୁ ଭ୍ୟାରିଆଣ୍ଟର ବିକ୍ରି ଫ୍ଲିପ୍‌କାର୍ଟରେ ଅଗଷ୍ଟ ୩୦ ମଧ୍ୟାହ୍ନ ୧୨ଟାରୁ ଉପଲବ୍ଧ ହେଉଛି। ଫ୍ଲିପ୍‌କାର୍ଟ ଓ ଜିଓ ବ୍ୟବହାରକାରୀଙ୍କ ପାଇଁ ଚମତ୍କାର ଶୁଭାରମ୍ଭ ଅଫର୍ ସହିତ ମୋଟୋରୋଲା ୱାନ୍ ଆକ୍ସନ୍‌ର ମୂଲ୍ୟ ୧୩,୯୯୯ଟଙ୍କା। ରହିଛି । ମୋଟୋରୋଲା ୱାନ୍ ଆକ୍ସନ୍ ହେଉଛି ଇଣ୍ଡଷ୍ଟ୍ରିର ପ୍ରଥମ ଅଲ୍‌ଟ୍ରା-ୱାଇଡ଼ ଆକ୍ସନ୍ କ୍ୟାମେରା, ଯେଉଁଥିରେ ଗ୍ରାହକମାନେ ଫୋନ୍‌କୁ ଭୂଲମ୍ବ ଭାବେ ଧରି ମଧ୍ୟ ଲ୍ୟାଣ୍ଡସ୍କେପ୍‌ରେ ଭିଡିଓ ସୁଟ୍ କରିପାରିବେ। ଗ୍ରାହକଙ୍କ ଭିଡିଓ ଗୁଡ଼ିକୁ ସୁନ୍ଦର ଚିତ୍ରଗୁଡ଼ିକ ସହାୟତା ପ୍ରଦାନ କରିବ। ସେଥିପାଇଁ ମୋଟୋରୋଲା ୱାନ୍ ଆକ୍ସନ୍‌ର ଟ୍ରିପଲ୍ କ୍ୟାମେରା ସିଷ୍ଟମ୍‌କୁ ଧନ୍ୟବାଦ। ଏଥିରେ ରହିଛି ଆର୍ଟିଫିସିଆଲ୍ ଇଣ୍ଟେଲିଜେଣ୍ଟ (ଏଆଇ), ଯାହାଦ୍ୱାରା ଗ୍ରାହକମାନେ ଫୋଲ୍ଡ ନକରି ସେମାନଙ୍କ କାହାଣୀକୁ ବ୍ରେଥ୍‌ଟେକିଂ ୨୧:୯ କ୍ୟାମେରା ଭିଜନ୍ ଡିସ୍‌ପ୍ଲେରେ ଦେଖିପାରିବେ। ଏହା ଏକ ଆକର୍ଷଣୀୟ ଡିଜାଇନ୍, ଯାହା